## ସଂକ୍ଷେପରେ

### ଲାଗିଲା ଫଳ ଚାରା

କାମାକ୍ଷାନଗର, ୯।୭(ସୁଧୀର ପରିଡ଼ା)-କାମାକ୍ଷାନଗର କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲ କ୍ୟାମ୍ପସରେ ବନ ମହୋତ୍ସବ ଉପଲକ୍ଷେ ଆମ୍ବ, ପଣସ, ପିଜୁଳି, ଲେମ୍ବୁ, ଡାଳିମ୍ବ, ଅଁଳା ଆଦି ପ୍ରଜାତିର ଫଳ ଚାରା ରୋପଣ କରାଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଏବଂ ପଶ୍ଚିମାଞ୍ଚଳ ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାରଙ୍କ ମିଳିତ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ବନୀକରଣ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ ସହକାରୀ ଜିଲାପାଳ ଦୀପକ କୁମାର ମିଶ୍ର ଉପସ୍ଥିତ ଥିଲେ। ଶିକ୍ଷକ ସୁରେଶ ବିଶ୍ୱାଳ, ଏନ୍‌ସିସି ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ, ଇକୋ କ୍ଲବ ଅଧିକାରୀ ଚନ୍ଦ୍ରମଣି ଲେଙ୍କା, ସ୍କାଉଟ୍ସ ମାଷ୍ଟର ବାନାର୍ଜୀ ମହାନ୍ତି, ଦିଲୀପ ଦାଶ, ପ୍ରହ୍ଲାଦ ସାହୁ, ନିରଞ୍ଜନ ସାହୁ, ସମରେନ୍ଦ୍ର ନାୟକ, ବସନ୍ତ ସାହୁ, ନିର୍ମଳ ମହାନ୍ତି, ଚିତ୍ତରଞ୍ଜନ ବିଶ୍ୱାଳ, ସୌଭାଗ୍ୟ ସାହୁ, ଆକାଶ ରାଉତ, ଶିକ୍ଷୟିତ୍ରୀ କବିତା ରାଉତ, ଗାଇଡ୍ସ କ୍ୟାପଟେନ ସୁମିତ୍ରା ଜେନା, ଗୀତା ମହାପାତ୍ର, ପ୍ରଭାତୀ ସାହୁ, ରୋଜାଲିନ ପତି, ଜୟସ୍ମିତା ରାଉତ, ଶିକ୍ଷା କର୍ମଚାରୀ ଗିରିଶ ଚନ୍ଦ୍ର ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ, ପ୍ରଶାନ୍ତ ରାଉତ, ବନ କର୍ମଚାରୀ, ଛାତ୍ରୀଛାତ୍ର ଏଥିରେ ସହଯୋଗ କରିଥିଲେ।

### ସବୁଜ ବଳୟ ସୃଷ୍ଟି କରିବାକୁ ଆହ୍ୱାନ

ଢେଙ୍କାନାଳ/ଭୁବନ, ୯।୭(ରତନ ନାୟାର/ବିପିନ ବିହାରୀ ସେଠୀ)-ବନ ମହୋତ୍ସବ ଉପଲକ୍ଷେ ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯାଇଛି। ଢେଙ୍କାନାଳ କୁଞ୍ଜକାନ୍ତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ନନ୍ଦୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମମତା ମହାପାତ୍ର, ଅନିତା ମିଶ୍ର, ନିରୁପମା ମିଶ୍ର, ସ୍କୁଲର ସଭାପତି ସୁନୀତା ନାୟକ, ପରିଚାଳନା କମିଟି ସଭ୍ୟ ସବିତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବନୀକରଣ ମାଧମରେ ସବୁଜ ବଳୟ ସୃଷ୍ଟି କରିବାକୁ, ରୋପଣ କରାଯାଇଥିବା ଚାରାର ଯତ୍ନ ନେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦିଆଯାଇଥିଲା। ମମତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ଭୁବନ ମହିଳା କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧାପିକା ପ୍ରମିଳା ଦାସ, ସମ୍ମାନିତ ଅତିଥି ଫରେଷ୍ଟର କବିତା ବିଶ୍ୱାଳ, ଅଧାପକ ନିରଞ୍ଜନ ନାୟକ, ଅଧାପିକା ଡ. ମମତା ପାତ୍ର, ଅନୁପମା ମିଶ୍ର, ଗ୍ରନ୍ଥାଗାରିକ କୈଳାସ ପାତ୍ର ପ୍ରମୁଖ ଯୋଗଦେଇଥିଲେ। କରଞ୍ଜ, କଦମ୍ବ, ଡାଳିମ୍ବ, ଲେମ୍ବୁ, ଛୁରିଆନା, ଶାଗୁଆନ, ଛତିଆନା ଆଦି ପ୍ରଜାତିର ଚାରା ରୋପଣ କରାଯାଇଥିଲା। ପରିବେଶ ସୁରକ୍ଷା ପାଇଁ ବୃକ୍ଷ ଜରୁରୀ ବୋଲି ସଚେତନତା ସୃଷ୍ଟି କରାଯାଇଥିଲା।

# ଟେନ୍‌ସନ ଦେଲାଣି ଟମାଟୋ

- ଦର ବୃଦ୍ଧିରେ ଦରମରା ଖାଉଟି
- ହାଣ୍ଡିଶାଳରୁ ପରିବା ଉଭାନ
- ସୋୟାବିନ୍, ବୁଟରେ କାମ ଚଳୁଛି


ପରିବା ବ୍ୟବସାୟୀ ବ୍ରହ୍ମାନନ୍ଦ ସାହୁ

**ହୋସ୍ ଉଡ଼ାଉଛି ଦର। କାଙ୍କଡ଼, ଭେଣ୍ଡି, କଲରା, ବାଇଗଣ ସପ୍ତାହେ ହେଲା ୭୦ ଟଙ୍କା ଉପରେ ବିକ୍ରି ହେଉଛି। ୧୨୦ରୁ ଖସୁନାହିଁ ଟମାଟୋ। ପ୍ରଥମ ମୌସୁମୀ ବର୍ଷା ପରେ ଚାଷ ନଷ୍ଟ, ଯୋଗାଣ ଶୃଙ୍ଖଳରେ ପ୍ରଭାବିତ ହେବା ପରେ ସାରା ରାଜ୍ୟରେ ଏଭଳି ଦର ବୃଦ୍ଧି ଖାଉଟିଙ୍କ ମୁଣ୍ଡବ୍ୟଥା ବଢ଼ାଇଛି। ହାଣ୍ଡିଶାଳରୁ ତଟକା ପରିବା ଏକପ୍ରକାର ଉଭାନ ହୋଇଯାଇଥିବାବେଳେ ସୋୟାବିନ, ମଟର, ବୁଟରେ କାମ ତୁଲ କରିବାକୁ ବାଧ ହେଉଛନ୍ତି ଗୃହିଣୀ।**

କାମାକ୍ଷାନଗର, ୯।୭(ସୁଧୀର ପରିଡ଼ା)

ପରିବା ଚାଷ ପାଇଁ ସୁନାମ ଅର୍ଜନ କରିଛି ଢେଙ୍କାନାଳ ଜିଲାର କାମାକ୍ଷାନଗର। ବ୍ଲକର ସୋଗର, ସମାଟାଙ୍ଗୀ, ଭଗୀରଥପୁର, ଜଗନ୍ନାଥପୁର, ଅଁଳାବେରେଣି, ଡୁମୁସିଙ୍ଗା ଆଦି ଅଞ୍ଚଳରେ ଉତ୍ପାଦିତ ହେଉଥିବା ପରିବା ବର୍ଷର ଅଧିକାଂଶ ସମୟ ଖାଉଟିଙ୍କ ଚାହିଦା ମେଣ୍ଟାଇଥାଏ। ଏହାକୁ ବାଦ୍‌ଦେଲେ କଙ୍କଡ଼ାହାଡ଼, ଭୁବନ ବ୍ଲକ, ପଡ଼ୋଶୀ ଅନୁଗୋଳ ଜିଲାରୁ ମଧ ପରିବା ଆମଦାନୀ ହୋଇ ଆସିଥାଏ। ତେବେ ମୌସୁମୀ ଋତୁରେ ଲଘୁଚାପଜନିତ ଲଗାଣ ବର୍ଷାରେ ପରିବା ଚାଷ ଉଜୁଡ଼ିଯିବା ପରେ ଦର ଆକାଶଛୁଆଁ ହୋଇଯାଇଛି। ବିଶେଷକରି ଟମାଟୋ କିଣିବା ବେଳକୁ ଭାବିବାକୁ ବାଧ ହେଉଛନ୍ତି ଖାଉଟି।

କାମାକ୍ଷାନଗର ସହରରେ ଛୋଟ ବଡ଼ ୩୦ରୁ ୩୫ଟି ପରିବା ଦୋକାନ ରହିଛି। ଦର ବୃଦ୍ଧି ପୂର୍ବରୁ ପରିବା ବ୍ୟବସାୟୀମାନେ ଦୈନିକ ୨୦ କୁଇଣ୍ଟାଲ ଟମାଟୋ ବିକ୍ରି କରୁଥିଲେ। ଏବେ ଏହା ୩ କୁଇଣ୍ଟାଲକୁ ଖସିଆସିଛି। ଏବେ ଏହାର ବଜାର ଦର ୧୦୦ରୁ ୧୧୦ ଟଙ୍କା ରହିଛି। ଓଡ଼ିଶାରେ ବର୍ଷାଦିନେ ଟମାଟୋ ଚାଷ ମୁଖ୍ୟତଃ ହୁଏନାହିଁ। ତେଣୁ ବେଙ୍ଗାଲୁରୁରୁ ଆମଦାନୀ ହୋଇ ଆସୁଥିବାରୁ ଏଭଳି ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି। ଦୈନିକ ୧ କୁଇଣ୍ଟାଲ ଟମାଟୋ ବିକ୍ରି କରୁଥିବା ପରିବା ବ୍ୟବସାୟୀ ବ୍ରହ୍ମାନନ୍ଦ ସାହୁଙ୍କ ପକ୍ଷେ ଏବେ ୩୦ କେଜି ବିକ୍ରି କରିବା କଷ୍ଟକର ହୋଇପଡୁଥିବା ସେ କହିଛନ୍ତି।

କେବଳ ଏତିକି ନୁହେଁ, ଟମାଟୋ ଉପରେ ନିର୍ଭରଶୀଳ ଢାବା, ହୋଟେଲ ମାଲିକ ଚାଟ୍ ବ୍ୟବସାୟୀଙ୍କ ମଧ ଚିନ୍ତା ବଢ଼ିଯାଇଛି। ପରିବା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଇଁ ଲାଭ ଅଧିକ ହେଉ ନ ଥିବାରୁ ଅନେକେ ହୋଟେଲ ବନ୍ଦ କରିଦେବେ ବୋଲି ଯୋଜନା କଲେଣି। ଏ ସମ୍ପର୍କରେ ସହରର ଅନ୍ୟତମ ପ୍ରତିଷ୍ଠିତ ଢାବା ମାଲିକ ସୌମ୍ୟରଞ୍ଜନ ସାହୁ କୁହନ୍ତି, ଢାବାରେ ଯଦିଓ ଟମାଟୋ ଅଧିକ ବ୍ୟବହାର ହୁଏ ନାହିଁ, ତେବେ ସାଲାଡ୍, ଗ୍ରାହକଙ୍କ ଚାହିଦା ଅନୁଯାୟୀ ରେସିପି ପ୍ରସ୍ତୁତ କରିବା ବେଳେ ଏହା ଦରକାର ହୋଇଥାଏ। ତେବେ ପରିବା ଅଧିକ ଆସେ। ଏବେ ଦର ଏମିତି ହୋଇଛି ଯେ, ଆଳୁ ବ୍ୟବହାର ଅଧିକ ହେଉଛି। ଏଭଳି କିଛିଦିନ ଲାଗି ରହିବ।

## ଚାଟ୍ ଦୋକାନରେ ତେନ୍ତୁଳି ପାଣି




ଟମାଟୋ ବିନା ଚାଟ୍‌ର ସ୍ୱାଦ ଫିକା। ହେଲେ ଏବେକାର ସମୟରେ ଟମାଟୋର ସ୍ଥାନ ନେଇଛି ତେନ୍ତୁଳି। କାମାକ୍ଷାନଗର ସହରରେ ୧୯୭୯ରୁ ଚାଟ୍ ବ୍ୟବସାୟ କରୁଥିବା ଗୌରାଙ୍ଗ ରାଉତ କୁହନ୍ତି, ଟମାଟୋର ଏଭଳି ଦରବୃଦ୍ଧି ସେ ଆଗରୁ କେବେ ଦେଖି ନ ଥିଲେ। ଏଭଳି ମୂଲ୍ୟ ବଢ଼ିବା କାରଣରୁ କେତେଜଣ ଚାଟ୍ ବ୍ୟବସାୟୀ ଦୋକାନ ବନ୍ଦ କରସାରିଲେଣି। ଅନ୍ୟମାନେ ଟମାଟୋ ବଦଳରେ ତେନ୍ତୁଳିରେ ଖଟାପାଣି ପ୍ରସ୍ତୁତ କରିବାକୁ ବାଧ ହେଉଛନ୍ତି।

## ଘରେ ଘରେ ଭାଳେଣି


ସୌମ୍ୟରଞ୍ଜନ ସାହୁ।


ସସ୍ମିତା ଲେଙ୍କା


ରାଜଶ୍ରୀ ମିଶ୍ର

ପରିବା ପାଇଁ ଏବେ ଘରେ ଘରେ ଭାଳେଣି ପଡ଼ିଥିବା ଦେଖିବାକୁ ମିଳିଛି। ଗୃହିଣୀମାନେ ସକାଳୁ କ'ଣ ରୋଷେଇ କରିବେ, ସେହି ଚିନ୍ତାରେ ରହୁଛନ୍ତି। ଅଧିକାଂଶ ଘରୁ ପରିବା ଉଭାନ୍ ହୋଇଯାଇଛି। ଆଳୁ, ସୋୟାବଡ଼ି, ଆଚାର, ମଟର, ବୁଟ ଆଦି ଉପରେ ନିର୍ଭରଶୀଳତା ବଢ଼ିବାରେ ଲାଗିଛି। ଏ ସଂକ୍ରାନ୍ତରେ ରାଜଶ୍ରୀ ମିଶ୍ର କୁହନ୍ତି, ବଡ଼ ପରିବାର ହୋଇଥିବାରୁ ସପ୍ତାହକୁ ୨-୩ କେଜି ଟମାଟୋର ଆବଶ୍ୟକ ପଡୁଥିଲା। ଏବେ ୨୫୦ ଗ୍ରାମ୍‌ରେ କାମ ଚାଳିଛି। ପରିବା ବ୍ୟବହାର ମଧ ପୂର୍ବାପେକ୍ଷା କମିଛି। ସସ୍ମିତା ଲେଙ୍କା କୁହନ୍ତି, ଟମାଟୋ ବ୍ୟବହାର ଯଥେଷ୍ଟ କମିଯାଇଛି। ଆବଶ୍ୟକ ହେଲେ ବ୍ୟବହାର କରୁଛୁ ନ ହେଲେ ସେମିତି କାମ ଚଳାଇ ଦେଉଛୁ।

## ଟ୍ରକ୍ ପଛରେ ପିଟିଲା କାର୍, ୨ ଗୁରୁତର


ଦୁର୍ଘଟଣା ଗ୍ରସ୍ତ କାର୍।

ଭୁବନ, ୯।୭(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ଅନନ୍ତପୁର ଛକ ନିକଟ ଜାତୀୟ ରାଜପଥ ୫୩ରେ ରବିବାର ଏକ ଦୁର୍ଘଟଣା ଘଟିଛି। ନିୟନ୍ତ୍ରଣ ହରାଇ ଟ୍ରକ୍ ପଛରେ ଏକ କାର୍ ପିଟି ହୋଇଯାଇଛି। ଏଥିରେ ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର କାର୍ ମାଲିକ ଚିନ୍ମୟ ମହାପାତ୍ର (୩୪) ଏବଂ ଡ୍ରାଇଭର ଦୀନେଶ ମହାପାତ୍ର (୨୧) ଗୁରୁତର ହୋଇଛନ୍ତି। ଚିନ୍ମୟ ଏବଂ ଦୀନେଶ କୌଣସି କାର୍ଯ୍ୟରେ କାର୍ (ନଂ. ଓଡି ୨୨ କ୍ୟୁ ୩୬୬୦)ରେ ଭୁବନରୁ ଯାଜପୁର ଆଡ଼କୁ ଯାଉଥିଲେ। ତେବେ ଗତି ଉପରେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ କାର୍‌ଟି ରାସ୍ତାରେ ଯାଉଥିବା ଉକ୍ତ ଟ୍ରକ୍ ପଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟଙ୍କୁ ୧୦୮ ଆମ୍ବୁଲାନ୍ସରେ ନିଆଯାଇ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିଛି।

## '୫-ଟି' ସଚିବଙ୍କ ଗସ୍ତ: ଚୂଡ଼ାନ୍ତ ରୂପରେଖ ଅସ୍ପଷ୍ଟ

ଢେଙ୍କାନାଳ, ୯।୭(ରତନ ନାୟାର)


ଜିଲାପାଳ ଜାଉଁଳି ପୋଖରୀ ମଠରେ ସମୀକ୍ଷା କରୁଛନ୍ତି।

'୫-ଟି' ସଚିବ ଭି.କେ. ପାଣ୍ଡିଆନ ଆସନ୍ତା ୧୧ରୁ ୨ଦିନିଆ ଢେଙ୍କାନାଳ ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଛି। ତେବେ ରବିବାର ସନ୍ଧ୍ୟାସୁଦ୍ଧା ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମର ଚୂଡ଼ାନ୍ତ ରୂପରେଖ ଅସ୍ପଷ୍ଟ ରହିଛି। ସୋମବାର ସୁଦ୍ଧା କାର୍ଯ୍ୟକ୍ରମ ସୂଚୀ ହସ୍ତଗତ ହେବ ବୋଲି ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି।

ସୂଚନାରୁ ଜଣାପଡିଛି, ୧୧ ତାରିଖ ଅପରାହ୍ନ ସାଢେ ୩ଟା ସୁଦ୍ଧା ୫-ଟି ସଚିବ ଅନୁଗୋଳ ଜିଲା ଗସ୍ତ ସାରି ହେଲିକପ୍ଟର ଯୋଗେ ଢେଙ୍କାନାଳ ମହିଷାପାଟ ପଡ଼ିଆରେ ପହଞ୍ଚିବେ। ସେଠାରୁ ଷ୍ଟାଡିୟମ୍‌ରେ ପହଞ୍ଚି ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିବେ। ଏହାପରେ ବ୍ରଜନାଥ ବଡ଼ଜେନା ହାଇସ୍କୁଲ ଖେଳପଡ଼ିଆରେ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିବେ। ଏହି ଅବସରରେ ମିନି ଷ୍ଟାଡିୟମ୍‌ଠାରେ ମିଶନ ଶକ୍ତି ସଦସ୍ୟଙ୍କ ଆଲୋଚନା, ଜିଲା କାର୍ଯ୍ୟାଳୟ ମିଲେଟ୍ କାଫେ ପରିଦର୍ଶନ, ଶ୍ରୀ ସିଦ୍ଧ ବଳରାମ ମନ୍ଦିର ଓ ଯାଉଁଳି ପୋଖରୀ ମଠ ପରିଦର୍ଶନ କରିବେ। ରାତିରେ ସର୍କିଟ ହାଉସ୍‌ଠାରେ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି। ବୁଧବାର ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତ କଳାକୃତି ଗ୍ରାମ, କାମାକ୍ଷାନଗର, ପରଜଙ୍ଗ ଏବଂ ହିନ୍ଦୋଳ ବ୍ଲକ ଗସ୍ତ କରି ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବେ। ତେବେ ଗସ୍ତ ବ୍ୟସ୍ତବହୁଳ ହେଉଥିବାରୁ ଏଥିରେ କାଟ୍‌ଛାଣ୍ଟ କରାଯିବା ସମ୍ଭାବନା ରହିଛି।

ଅନ୍ୟପଟେ ୫-ଟି ସଚିବଙ୍କ ଗସ୍ତ ପୂର୍ବରୁ ରବିବାର ମଧ୍ୟାହ୍ନରେ ଜିଲାପାଳ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ ରମେଶ ସେଠୀ, ଉଦୟ ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଗୋଇନ୍ଦା ବିଭାଗ ଡିଏସ୍‌ପି ଅରୁଣ ସାହୁ ପ୍ରମୁଖ ମୁଖ୍ୟ ଷ୍ଟାଡିୟମ, ମିନି ଷ୍ଟାଡିୟମ, ବଳରାମ ମନ୍ଦିର ଓ ଯାଉଁଳିପୋଖରୀ ମଠ ପରିଦର୍ଶନ କରି ଗସ୍ତ ପାଇଁ ପ୍ରସ୍ତାବିତ ବିଭିନ୍ନ କାର୍ଯ୍ୟକ୍ରମ ତଦାରଖ କରିଥିଲେ।

## ୫୧ ୟୁନିଟ୍ ରକ୍ତ ସଂଗ୍ରହ




ଢେଙ୍କାନାଳ, ୯।୭(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୁସୁପଙ୍ଗା ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ଚିତ୍ତରଞ୍ଜନ ନାଥ ଓ ତାଙ୍କ ସ୍ତ୍ରୀ ସୌମ୍ୟା ପ୍ରଶାନ୍ତି ନାଥ ନିଆରା ଢଙ୍ଗରେ ନିଜର ୨୦ତମ ବିବାହ ବାର୍ଷିକୀ ପାଳନ କରିଛନ୍ତି। ଉଭୟେ ଚାରା ରୋପଣ କରିବା ସହ କମ୍ପାନୀ ପରିସରରେ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ସମ୍ପୃକ୍ତ ଦମ୍ପତି ମଧ ରକ୍ତ ଦାନ କରିଥିଲେ। ମୋଟ୍ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସରପଞ୍ଚ ଅନିତା ନାୟକ, କଣ୍ଟାବଣିଆ ଥାନାଧିକାରୀ ସବିତା ପାତ୍ର, ଟାଟା ଷ୍ଟିଲ୍ ଫାଉଣ୍ଡେଶନର ସୌଭାଗ୍ୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ରେଡ୍‌କ୍ରସ୍ ସହାୟତାରେ ଏହି ଶିବିର ଆୟୋଜନ କରାଯାଇଥିଲା।

## ୨୨୬୩ ମାମଲାର ଫଇସଲା

### ଜିଲାସ୍ତରୀୟ ଲୋକ ଅଦାଲତ

ଢେଙ୍କାନାଳ, ୯।୭(ରତନ ନାୟାର)

ଢେଙ୍କାନାଳ ଜିଲାର ବିଭିନ୍ନ କୋର୍ଟରେ ଶନିବାର ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୨,୨୬୩ ମାମଲାର ଫଇସଲା କରାଯାଇଛି। ସେଥିରୁ ୧୦ ମୋଟର ଦୁର୍ଘଟଣାଜନିତ ମାମଲା, ୮ ପାରାବାରିକ ମାମଲା, ୪ ଦେୱାନୀ ମାମଲା, ୨ ଫୌଜଦାରୀ ମାମଲା, ୩ ଖାଉଟି ମାମଲା ଏବଂ ୨୨୩୬ ରାଜସ୍ୱ ମାମଲା। ମୋଟର ଦୁର୍ଘଟଣାଜନିତ ପ୍ରାପ୍ୟ ବାବଦକୁ ୪୫ ଲକ୍ଷ ୪୦ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ଜରିମାନା ଫଇସଲା ବାବଦକୁ ୩୭ ଲକ୍ଷ ୯୬ ହଜାର ୨୪୧ଟଙ୍କା ଆଦାୟ ହୋଇଛି।

ଜିଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଆୟୋଜିତ ଲୋକ ଅଦାଲତରେ ବିଚାରପତି ସୂର୍ଯ୍ୟନାରାୟଣ ଦ୍ୱିବେଦୀ, ଡ. ଜୀବନଜ୍ୟୋତି ରଥ, ଶତରୂପା ଶତପଥୀ, ସୁଧିରଞ୍ଜନ ଦାସ, ସୁଧାଶ୍ରୀ ସୁରଝଲିଆ ବିଭିନ୍ନ ମାମଲାଗୁଡ଼ିକର ପରିଚାଳନା କରିଥିଲେ। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅଞ୍ଜଳି ପାଢୀ, ସିଭିଲକୋର୍ଟ ରେଜିଷ୍ଟ୍ରାର ଅଳକାନନ୍ଦ ମହାନ୍ତି ଉପସ୍ଥିତ ଥିଲେ। ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ମମିତା ସାହୁ ପରିଚାଳନାରେ ସହଯୋଗ କରିଥିଲେ।


ଲୋକ ଅଦାଲତ ବିଭିନ୍ନ ମାମଲାର ଫଇସଲା କରାଯାଉଛି।

# ଶେଷ ହେଉଛି 'ସାପୁଆ' ସମ୍ଭାବନା

**ଏକାଧିକ ସ୍ଥାନରେ ପଡ଼ିଛି ଘଳିଆ। ଲଟାବୁଦା ସୃଷ୍ଟି କରୁଛି ଅରଣ୍ୟର ଭ୍ରମ। ପାଣି ତଳମୁଣ୍ଡରେ ପହଞ୍ଚିବା ପୂର୍ବରୁ ଉଭେଇ ଯାଉଛି। ବିଭାଗୀୟ ଉଦାସୀନତା ଏବଂ ଦୂରଦୃଷ୍ଟି ଅଭାବରୁ ରାସୋଳ ଅଞ୍ଚଳର ଚାଷୀଙ୍କ ଜୀବନରେଖା ସାପୁଆ ସେଚ ପ୍ରକଳ୍ପକୁ ନେଇ ଥିବା ସବୁ ସମ୍ଭାବନା ଧୀରେ ଧୀରେ କ୍ଷୀଣ ହେବାରେ ଲାଗିଛି। ପରିତ୍ୟକ୍ତ ହୋଇପଡ଼ିଥିବା ମୁଖ୍ୟ କେନାଲ ପୁନରୁଦ୍ଧାର ନ କରି କାଡ଼ାନାଳି ନିର୍ମାଣରେ ଅଜସ୍ର ଟଙ୍କା ବିନିଯୋଗ କରିବା ସରକାରୀ ଅର୍ଥର ଦୁରୁପଯୋଗ ଛଡ଼ା ଅନ୍ୟ କିଛି ନୁହେଁ ବୋଲି ଅଞ୍ଚଳବାସୀ କହିଛନ୍ତି।**

ରାସୋଳ, ୯।୭(ସରୋଜ ମିଶ୍ର)

- ମୁଖ୍ୟ କେନାଲ ଘଳିଆ ମରାମତି ହେଉନାହିଁ
- ସଫେଇ ହେଉ ନ ଥିବାରୁ ସୃଷ୍ଟି କରୁଛି ଅରଣ୍ୟର ଭ୍ରମ
- କାଡା ନାଳିରେ ଟଙ୍କା ଖର୍ଚ୍ଚ କରି ବିଭାଗ ନିଶ୍ଚିନ୍ତ

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ଅଞ୍ଚଳର ଜଳସେଚନର ପ୍ରମୁଖ ମାଧମ ସାପୁଆ କେନାଲ ପରିଚାଳନା ଅଭାବରୁ ପରିତ୍ୟକ୍ତ ହୋଇପଡ଼ିଛି। ବଡ଼ ବଡ଼ ଘଳିଆ ଦେଇ ବିପୁଳ ପରିମାଣର ପାଣି ନଷ୍ଟ ହେଉଥିବାରୁ ଜମିକୁ ଜଳ ନିଅଣ୍ଟ ପଡୁଛି। ଏବେ ବର୍ଷାଋତୁ ଆରମ୍ଭ ହୋଇଯାଇଥିବାବେଳେ କେବଳ ଲୋକଦେଖାଣିଆ ଭାବେ କିଛି ଲଟାବୁଦା ସଫେଇ କରି ବିଭାଗ ଦାୟିତ୍ୱ ସାରିଦେଇଛି। ହେଲେ ଘଳିଆ ମରାମତି କରାଯାଇନାହିଁ। ତେଣୁ ଖରିଫ୍ ଋତୁରେ କେନାଲ ଦ୍ୱାରା ଜଳସେଚିତ ଜମିରେ ଚାଷ କାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଯେହେତୁ ମୁଖ୍ୟ କେନାଲ ସ୍ଥିତି ଠିକ୍ ନାହିଁ, ତେଣୁ କାଡାନାଳିକୁ ଜଳପ୍ରବାହ ଠିକ୍ ଭାବେ ହେବନାହିଁ ବୋଲି ଚାଷୀମାନେ କହିଛନ୍ତି।

ରାସୋଳ ଅଞ୍ଚଳର ଚାଷ ଜମିକୁ ପାଣି ଯୋଗାଇବା ଲକ୍ଷ୍ୟରେ ସାପୁଆ ଜଳସେଚନ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ଏଥିଲାଗି ଦଣ୍ଡିଠାରେ ସାପୁଆ ନାଳ ଉପରେ ନିର୍ମାଣ କରାଯାଇଛି ଏକ ଡ୍ୟାମ। ସେଠାରୁ ୮ କିମି ଦୀର୍ଘ ଏକ କେନାଲ ଖନନ କରାଯାଇଛି। ଏହାଦ୍ୱାରା ଦଣ୍ଡିରି, ଲହଡ଼ା, ରାସୋଳ, ନାଉକିଆରି, କୁନୁଆ ଆଦି ଅଞ୍ଚଳର ଚାଷ ଜମି ଜଳସେଚିତ ହେଉଛି। ସେହିପରି ସାପୁଆ ଜଳଭଣ୍ଡାରର ଜଳ ପରିଚାଳନା ପାଇଁ ନୂଆବଗରେ ଏକ ବ୍ୟାରେଜ ନିର୍ମାଣ କରାଯାଇଛି। ଏଠାରୁ ଅନ୍ୟ ଏକ କେନାଲ ନୂଆବଗ, ବାହାଲୁଣ୍ଡା, ରାସୋଳ, କଳିଙ୍ଗା, ବାଙ୍କଟିଆ ଦେଇ ଅଁଳାବେଢ଼ା ପର୍ଯ୍ୟନ୍ତ ଯାଇଛି। ଏହାର ଦୈର୍ଘ୍ୟ ମଧ ପାଖାପାଖି ୮ କି.ମି.। ଉଭୟ କେନାଲ ମାଧମରେ ୨୪୦୦ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ରହିଛି। ତେବେ ନୂଆବଗ ବ୍ୟାରେଜ୍‌ରୁ ବାହାରିଥିବା କେନାଲର ତ୍ରୁଟିପୂର୍ଣ୍ଣ ପରିଚାଳନାକୁ ନେଇ ପ୍ରଶ୍ନ ଉଠିଛି। ଖରିଫ୍ ଚାଷ ପାଇଁ ଯଥେଷ୍ଟ ଜଳର ଆବଶ୍ୟକତା ଥିବାବେଳେ ବର୍ଷା ପୂର୍ବରୁ କେନାଲଗୁଡ଼ିକର ଆବଶ୍ୟକ ସଫେଇ ସହ ଘଳିଆ ମରାମତି କରିବାକୁ ସରକାରୀସ୍ତରରେ ନିର୍ଦ୍ଦେଶ ରହିଛି। ହେଲେ ନୂଆବଗ କେନାଲରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଲଟାବୁଦାରେ ପରିପୂର୍ଣ୍ଣ ସମଗ୍ର କେନାଲ ଶଯ୍ୟା ଏବେ ଅରଣ୍ୟର ଭ୍ରମ ସୃଷ୍ଟି କରୁଛି। ବାଙ୍କଟିଆ ସମେତ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଘଳିଆ ସୃଷ୍ଟି ହୋଇଛି। ଏହାର ମରାମତି କରିବାକୁ ଚାଷୀ ରଘୁନାଥ ପାଳ, ନରେଶ ପାଳ, ଶିଶିର ସାହୁ, ମଗରା ଦେହୁରୀ ବର୍ଷେ ହେଲା ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରୁଛନ୍ତି। ତେବେ କେହି ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି।


ପରିତ୍ୟକ୍ତ ହୋଇପଡ଼ିଥିବା ନୂଆବଗ ବ୍ୟାରେଜ୍‌ରୁ ବାହାରିଥିବା ସାପୁଆ କେନାଲ।

ସେହିପରି କେନାଲ ଜଳ ଯଥେଷ୍ଟ ହେଉ ନ ଥିବାରୁ ଖରିଫ ଚାଷ ସମୟରେ ଚାଷୀମାନେ ବିଭିନ୍ନ ସ୍ଥାନକୁ କାଟି ଦେଉଥିବା ଦେଖିବାକୁ ମିଳିଥିଲା। ଏହି ସମସ୍ୟାର ସମାଧାନ ଏବଂ କେନାଲଠାରୁ ଦୂରରେ ଥିବା ଆଭ୍ୟନ୍ତରୀଣ ଜମିକୁ ଜଳସେଚନ କରିବା ଉଦ୍ଦେଶ୍ୟରେ ୫ ପାଣି ପଞ୍ଚାୟତକୁ ନେଇ ଏବେ କାଡାନାଳି ନିର୍ମାଣ କରାଯାଉଛି। ଏହାଦ୍ୱାରା ଅଧିକ ୯୦୦ ହେକ୍ଟରକୁ ଜଳସେଚନ ଲକ୍ଷ୍ୟ ରଖାଯାଇଥିବାବେଳେ ଏଥିରେ ୨ କୋଟି ୬୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସରକାରଙ୍କ କାଡାନାଳୀ ନିର୍ମାଣ ପଦକ୍ଷେପକୁ ଚାଷୀମାନେ ସ୍ୱାଗତ କରିଛନ୍ତି। ହେଲେ ମୁଖ୍ୟ କେନାଲ ମରାମତି ନ ହେଲେ ଏହାର ଲାଭ ମିଳିବ ନାହିଁ ବୋଲି ସେମାନେ କହିଛନ୍ତି। ତେଣୁ ମୁଖ୍ୟ କେନାଲ ସଫେଇ ସହ ଘଳିଆ ପଡ଼ିଥିବା ସ୍ଥାନ ଚିହ୍ନଟ କରି ତୁରନ୍ତ ମରାମତି କରିବାକୁ ସେମାନେ ଦାବି କରିଛନ୍ତି।

ଏ ନେଇ ସାପୁଆ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଦିବାକର ବେହେରଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ମୁଖ୍ୟ କେନାଲ ମରାମତି ଲାଗି ପଦକ୍ଷେପ ନିଆଯିବ ବୋଲି କହି ସେ ପ୍ରସଙ୍ଗ ଏଡ଼ାଇ ଯାଇଥିଲେ।

## ଦୁର୍ଘଟଣାରୁ ବର୍ତ୍ତିଲେ କାର୍ ଚାଳକ

ଅନୁଗୋଳ,୯।୭(ଅମିତ ସାମଲ)-ଅନୁଗୋଳ ସହର କାଞ୍ଚନ ଟକିଜ୍ ନିକଟରେ ଏକ କାର୍ ଓ ଟ୍ରଲର ମଧ୍ୟରେ ଧକ୍କା ହୋଇଛି। ଏହି ଦୁର୍ଘଟଣାରୁ କାର ଚାଳକ ବର୍ତ୍ତିଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ରବିବାର ସକାଳେ ଟ୍ରଲର ଜାତୀୟ ରାଜପଥରେ ଆସୁଥିବାବେଳେ ପୁରୁଣା ବସ୍‌ଷ୍ଟାଣ୍ଡରୁ ଆସୁଥିବା ଏକ କାର ସହ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ କାର୍‌ର ଆଗ ଅଂଶ କ୍ଷତି ହୋଇଥିବା ଜଣାପଡ଼ିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

**ସଂକ୍ଷେପରେ**

## ୩ ଅସହାୟ ଶିଶୁ ଉଦ୍ଧାର

ଛେଣ୍ଡିପଦା/ବଇଣ୍ଡା, ୯।୭(ଅଜିତ୍ ଧଳ/ପରିକ୍ଷିତ ସାହୁ)-ଅନୁଗୋଳ ଜିଲା ବାଗେଡ଼ିଆ ଥାନା ପାତ୍ରପଡ଼ା ଗ୍ରାମରୁ ୩ ମାତୃହୀନ ଅସହାୟ ଶିଶୁଙ୍କୁ ଶନିବାର ରାତିରେ ଉଦ୍ଧାର କରାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରାଙ୍କ ପରାମର୍ଶକ୍ରମେ ସେମାନଙ୍କୁ ଅନୁଗୋଳସ୍ଥିତ ଉତ୍କଳ ବାଳାଶ୍ରମରେ ଥଇଥାନ କରାଯାଇଛି। ସେମାନେ ଦୁର୍ଦ୍ଦିନରେ ରହୁଥିବା ନେଇ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ୍ ହୋଇଥିଲା। ଏହାପରେ ଅନୁଗୋଳ ଚାଇଲ୍ଡ ଲାଇନ୍, ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରାଙ୍କ ପରାମର୍ଶକ୍ରମେ ଚାଇଲ୍ଡ ଲାଇନ୍ ଟିମ୍ ସଦସ୍ୟ ଅଭିଷେକ ମହାପାତ୍ର, ଆକ୍ସେସ ଟୁ ଜଷ୍ଟିସର ଜିଲା ସଂଯୋଜକ ବିଶ୍ୱଜିତ ଦାଶ, ପରିଯୋଜନା ସହଯୋଗୀ ଜ୍ୟୋସ୍ନିତା ପ୍ରଧାନ, ଯୁବ ସାମାଜିକ କର୍ମୀ ଦୀପକ ପ୍ରଧାନ ପ୍ରମୁଖ ପାତ୍ରପଡ଼ା ଗ୍ରାମକୁ ଯାଇ ଶିଶୁଙ୍କୁ ଭେଟିଥିଲେ। ସେମାନଙ୍କ ପଡ଼ୋଶୀ ଏବଂ ଅନ୍ୟ ଗ୍ରାମବାସୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ଶିଶୁଙ୍କ ସମ୍ପର୍କରେ ବାଗେଡ଼ିଆ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଯାଇଥିଲା। ଏହାପରେ ସେମାନଙ୍କ ଥଇଥାନ ବ୍ୟବସ୍ଥା କରାଯାଇଥିଲା।

## ଟଙ୍କା ନଦେବାରୁ ମା'ଙ୍କୁ ଆକ୍ରମଣ

ଛେଣ୍ଡିପଦା, ୯।୭(ଅଜିତ ଧଳ)-ଜରପଡା ଥାନା ଜରପଡା ଗ୍ରାମର ଶାନ୍ତିଲତା ପେଣ୍ଠୋଇଙ୍କୁ ତାଙ୍କ ସାନ ପୁଅ ରଥି ପେଣ୍ଠୋଇ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ଶାନ୍ତିଲତା ଘରେ ଥିବାବେଳେ ରଥି ଟଙ୍କା ମାଗିଥିଲେ। ଶାନ୍ତିଲତା ଟଙ୍କା ଦେବାକୁ ମନା କରିବାରୁ ରଥି ଉତ୍କ୍ଷିପ୍ତ ହୋଇ ଶାନ୍ତିଲତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଶାନ୍ତିଲତାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୧୦/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ପୁଅର ମୃତ୍ୟୁ ପରେ ବୋହୂ ପର

### ଭିନ୍ନ ଜାତିରେ ବିବାହ କରିଥିଲେ ବୋଲି...

ପାଲଲହଡ଼ା,୯।୭(ଦିବ୍ୟଜ୍ୟୋତି ଦାସ)-ଭିନ୍ନ ଜାତିରେ ବିବାହ କରିଥିବା ଜଣେ ମହିଳା ସ୍ୱାମୀଙ୍କ ମୃତ୍ୟୁ ପରେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ନା ଶାଶୁଘର ନା ବାପଘର, କେହି ତାଙ୍କୁ ଗ୍ରହଣ କରୁନାହାନ୍ତି। ଫଳରେ ନିଜ ୩ ବର୍ଷର ପୁଅଙ୍କୁ ନେଇ ଗାଁ କୋଠଘରେ ୨ଦିନ ହେଲା ଭୋକଉପାସରେ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅନ୍ତର୍ଗତ କମ୍ପରକଳା ଗ୍ରାମର ବବିତା ଧୀବର।

ଅଭିଯୋଗ ଅନୁଯାୟୀ, ୫ବର୍ଷ ତଳେ କମ୍ପରକେଲା ଗ୍ରାମର ସୁଶୀଲ କୁମାର ଗଡ଼ନାୟକ ସେହି ଗ୍ରାମର ବବିତାଙ୍କୁ ପ୍ରେମ ବିବାହ କରିଥିଲେ। ଭିନ୍ନ ଜାତିର ହୋଇଥିବାରୁ ପୁଅ ଘର ଲୋକେ ତାଙ୍କୁ ଗ୍ରହଣ କରି ନ ଥିଲେ। ଦୁହେଁ କେନ୍ଦୁଝର ଜିଲା ବାମ୍ଭାରିଠାରେ ଘର ଭଡ଼ା ନେଇ ରହୁଥିଲେ। ଇତିମଧ୍ୟରେ ବବିତାଙ୍କ ୩ବର୍ଷର ଏକ ପୁଅ ଜନ୍ମ ହୋଇଥିଲା। ତେବେ କିଛିଦିନ ତଳେ ସୁଶୀଲ ଅସୁସ୍ଥ ହୋଇପଡ଼ିଥିଲେ। ଦୁଇଦିନ ତଳେ କଟକରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେତେବେଳେ ବବିତା ମେଡିକାଲରେ ଉପସ୍ଥିତ ନ ଥିଲେ। ତେବେ ଡାକ୍ତରଖାନାରେ ଥିବା ସୁଶୀଲଙ୍କ ଘର ଲୋକେ ଏ ନେଇ ବବିତାଙ୍କୁ ଅବଗତ କରାଇ ନ ଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ବବିତା ପୁଅଙ୍କୁ ଧରି କମ୍ପରକେଲା ଆସିଥିଲେ। ତେବେ ସେତେବେଳକୁ ସୁଶୀଲଙ୍କ ମୃତଦେହ ସଂସ୍କାର ସରିଯାଇଥିଲା। ନେହୁରା ହେବା ସତ୍ତ୍ୱେ ବବିତା ଏବଂ ତାଙ୍କ ପୁଅକୁ ଶାଶୁଘର ଲୋକେ ଘରେ ପୂରାଇ ଦେଉନାହାନ୍ତି। ଫଳରେ ୨ଦିନ ହେଲା ଭୋକଉପାସରେ ମା' ପୁଅ ଗାଁ କୋଠଘରେ ମୁଣ୍ଡ ଗୁଞ୍ଜିଛନ୍ତି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣା ସମ୍ପର୍କରେ ଥାନାଧିକାରୀ ପରାଓ ଟୁଡୁ କୁହନ୍ତି, ଏ ନେଇ କୌଣସି ଅଭିଯୋଗ ଆସିନାହିଁ। ପୀଡିତା ମହିଳା ଅଭିଯୋଗ କଲେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନିଆଯିବ।



# ଆଜିଠାରୁ ୨ ଦିନିଆ ଅନୁଗୋଳ ଗସ୍ତରେ '୫-ଟି' ସଚିବ

### ହିଙ୍ଗୁଳା ପୀଠରୁ ଆରମ୍ଭ, କିଶୋରନଗରରେ ଶେଷ ହେବ କାର୍ଯ୍ୟକ୍ରମ



ଅନୁଗୋଳ, ୯।୭(ଅମିତ ସାମଲ)

ରାଜ୍ୟ ସରକାରଙ୍କ '୫-ଟି' ସଚିବ ଭି.କେ. ପାଣ୍ଡିଆନ୍ ସୋମବାରଠାରୁ ଦୁଇଦିନିଆ ଅନୁଗୋଳ ଜିଲା ଗସ୍ତରେ ଆସୁଛନ୍ତି। ମା' ହିଙ୍ଗୁଳାଙ୍କ ପୀଠରୁ ଆରମ୍ଭ ହେଉଥିବା ତାଙ୍କର ଏହି ଗସ୍ତ କାର୍ଯ୍ୟକ୍ରମ କିଶୋରନଗର ବ୍ଲକରେ ଶେଷ ହେବ। ଏହାକୁ ନେଇ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି।

ପ୍ରଥମ ଦିନରେ '୫-ଟି' ସଚିବଙ୍କ ହିଙ୍ଗୁଳା ମନ୍ଦିର, କଲେଜ ପଡ଼ିଆରେ ଏସ୍‌ଏଚଜିଙ୍କ ସହ ଆଲୋଚନା, ଛେଣ୍ଡିପଦା ବ୍ଲକର ପାତ୍ରପଡ଼ା ବାୟାଣି ପୀଠ ପରିଦର୍ଶନ, ଛେଣ୍ଡିପଦା ଷ୍ଟାଡିୟମରେ ଏସ୍‌ଏଚଜି ମହିଳାଙ୍କ ସହ ଆଲୋଚନା କରିବେ। ବନ୍ତଲା ଛକରେ ଏସ୍‌ଏଚଜି ସଭାରେ ଯୋଗଦେବେ। ଅନୁଗୋଳ ବିଜୁ ମଇଦାନଠାରେ ଛାତ୍ରୀଛାତ୍ରଙ୍କ ସହ ମତ ବିନିମୟ କରିବେ। ଅପରାହ୍ନରେ ପିଟିସି ପଡ଼ିଆରେ ମିଶନ୍ ଶକ୍ତି ମହିଳା ଓ ଏସ୍‌ଏଚ୍‌ଜି ସଦସ୍ୟଙ୍କ ସହ ଭାବ ବିନିମୟ କରିବା କାର୍ଯ୍ୟକ୍ରମ ରହିଛି। ଅନୁଗୋଳ ଏଆର୍‌ସି କେନ୍ଦ୍ର ପରିଦର୍ଶନ କରି ଉନ୍ନୟନ ସମ୍ପର୍କରେ ଆଲୋଚନା କରିବେ। ଜିଲା ମୁଖ୍ୟ ଚିକିତ୍ସାଳୟ, ନିର୍ମାଣାଧୀନ ବିଶ୍ୱସ୍ତରୀୟ ଲାଇବ୍ରେରି ବ୍ଲକ୍ ଡାଇମଣ୍ଡ ପରିଦର୍ଶନ କରିବେ। ଅନୁଗୋଳରେ ସେ ରାତ୍ରିଯାପନ କରିବେ। ପ୍ରଥମ ଦିନର ୬ ସ୍ଥାନରେ '୫-ଟି' ସଚିବଙ୍କ କାର୍ଯ୍ୟକ୍ରମ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଦ୍ୱିତୀୟ ଦିବସରେ ମା' ବୁଢ଼ୀ ଠାକୁରାଣୀ, ଶୈଳଶ୍ରୀକ୍ଷେତ୍ର, ଖଲାରି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କାର୍ଯ୍ୟକ୍ରମ ରହିଛି। ଏଥିସହ ରେଭେନ୍ୟୁ କଲୋନି ନିକଟ ମିଶନଶକ୍ତି କାଫେରେ ଜଳଖିଆ କରିବା କାର୍ଯ୍ୟକ୍ରମ ରହିଛି। ଏହାପରେ ପର୍ଯ୍ୟାୟକ୍ରମେ ପବିତ୍ରନଗର, ପାଲଲହଡ଼ା, ଆଠମଲ୍ଲିକ ଏବଂ କିଶୋରନଗର ବ୍ଲକରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କ ସମସ୍ୟା ଶୁଣିବେ। ଅନ୍ୟପଟେ '୫-ଟି' ସଚିବଙ୍କ ଗସ୍ତକୁ ନେଇ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏସ୍‌ପିଙ୍କ ନେତୃତ୍ୱରେ ୨ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି ପାହ୍ୟାର ଅଧିକାରୀ, ୨୭ ଇନ୍ସପେକ୍ଟର, ୭୮ ଏସ୍‌ଆଇ, ଏଏସ୍‌ଆଇ ସହ ୩୫ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ୫-ଟି ସଚିବଙ୍କ ଗସ୍ତ ପାଇଁ ୧୦ଟି ହେଲିପ୍ୟାଡ୍ ସହ ପୋଲିସ ପକ୍ଷରୁ ୧୦ଟି କାର୍‌ଗେଡ୍‌ର ବ୍ୟବସ୍ଥା କରାଯାଇଛି।

### ଅଣ୍ଡା ଦୋକାନ ବନ୍ଦ ନିର୍ଦ୍ଦେଶ

'୫-ଟି' ସଚିବଙ୍କ ଗସ୍ତକୁ ବିଭିନ୍ନ ସ୍ଥାନରେ ବିରୋଧ କରାଯାଉଥିବାବେଳେ ଅନୁଗୋଳରେ ଅନୁରୂପ ସ୍ଥିତି ଉପୁଜିବା ଆଶଙ୍କା ରହିଛି। ତେଣୁ କୌଣସି ପ୍ରକାର ଅପ୍ରୀତିକର ସ୍ଥିତି ଏଡ଼ାଇବାକୁ ପୋଲିସ ଆଗୁଆ ପଦକ୍ଷେପ ନେଇଛି। '୫-ଟି' ସଚିବଙ୍କ ଗସ୍ତ ଶେଷ ନ ହେବା ପର୍ଯ୍ୟନ୍ତ ଜିଲାର ଅଣ୍ଡା ଦୋକାନ ବନ୍ଦ ରଖିବାକୁ ପୋଲିସ ବୁଲି ବୁଲି ପ୍ରଚାର କରୁଛି। କେତେକ ଅଞ୍ଚଳରେ ଅଣ୍ଡା ଦୋକାନ ସିଲ୍ କରାଯାଇଥିବା ଜଣାପଡ଼ିଛି। ଏଥିସହ ଠେଲା ଦୋକାନୀଙ୍କୁ ରାସ୍ତା ଆଗକୁ ଆସିବାକୁ ବାରଣ କରାଯାଇଛି। ସଚିବଙ୍କ ଗସ୍ତ ପରେ ଦୋକାନ ସ୍ୱାଭାବିକ ଭାବେ ଖୋଲିପାରିବେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ତାଳଚେର ବିକାଶରେ ବିଜେଡି ବାଧକ: କାଳିନ୍ଦୀ

### ହିଙ୍ଗୁଳା ପୀଠ ବିକାଶକୁ ନେଇ ଉଠାଇଲେ ପ୍ରଶ୍ନ

ତାଳଚେର, ୯।୭(ମନୋଜ ନନ୍ଦ)

ଅନୁଗୋଳ ଜିଲା ଶିଳ୍ପସମୃଦ୍ଧ ତାଳଚେରର ବିକାଶରେ ବିଜେଡି ବାଧକ ସାଜିଛି। ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ ଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଦାନ ଆଣୁଛନ୍ତି। ହେଲେ ରାଜ୍ୟର ବିଜେଡି ସରକାର, ସ୍ଥାନୀୟ ବିଧାୟକ କୌଣସି କାର୍ଯ୍ୟ କରାଇ ଦେଉନାହାନ୍ତି ବୋଲି ଗୁରୁତର ଅଭିଯୋଗ ଆଣିଛନ୍ତି ଭାଜପା ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ।

ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶକ୍ତିକ୍ଷେତ୍ର ତଥା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଠାକୁରାଣୀଙ୍କ ପୀଠର ବିକାଶ ପ୍ରସଙ୍ଗ ଉଠାଇ କାଳିନ୍ଦୀ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପେଟ୍ରୋଲିୟମ ମନ୍ତ୍ରଣାଳୟରୁ ୧.୯୨ କୋଟି ଟଙ୍କା ଅନୁଦାନ ଆଣି ମନ୍ଦିର ସମ୍ମୁଖ ଗେଟ, ରାସ୍ତା ଆଲୋକୀକରଣ କାର୍ଯ୍ୟ କରିଥିଲେ। ୨୦୨୧ରେ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ହିଙ୍ଗୁଳା ମନ୍ଦିରର ବିକାଶ ପାଇଁ ଚିଠି ଲେଖିଥିଲେ। ସେହିବର୍ଷ ଏପ୍ରିଲରେ ମା'ଙ୍କ ପୀଠର ବିକାଶ ଲାଗି କେନ୍ଦ୍ର କୋଇଲା ମନ୍ତ୍ରୀ ୯.୩୨ କୋଟି ଟଙ୍କା ମଞ୍ଜୁର କରାଇଥିଲେ। ଇତିମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ କାମ ହୋଇପାରିଲାନାହିଁ। ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଛି। ସେହିପରି ୨୦୧୭-୨୨ ଦୀର୍ଘ ୫ ବର୍ଷ ଧରି କାହିଁକି ଟ୍ରଷ୍ଟ ବୋର୍ଡ ପୁନର୍ଗଠିତ ହୋଇ ନ ଥିଲା। ଏହା ଷଡ଼ଯନ୍ତ୍ର ନା ରାଜ୍ୟ ସରକାରଙ୍କ ଅପାରଗତା ବୋଲି କାଳିନ୍ଦୀ ପ୍ରଶ୍ନ କରିଛନ୍ତି। ଏଥିସହ ମିଛ ବିକାଶ ଥୋପ ଦେବାକୁ କ'ଣ ମୁଖ୍ୟମନ୍ତ୍ରୀଙ୍କ ଅଣଓଡ଼ିଆ ଗୁମାସ୍ତା ଆସୁଛନ୍ତି କି ବୋଲି କହି ସେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି।




କାଳିନ୍ଦୀ ସାମଲଙ୍କ ଟୁଇଟ୍।

# ପଶ୍ଚିମବଙ୍ଗକୁ ଲମ୍ବିଛି ବ୍ରାଉନ୍‌ସୁଗାର ଲିଙ୍କ୍

ଅନୁଗୋଳ, ୯।୭(ଅମିତ ସାମଲ)



ଅନୁଗୋଳ ଜିଲା ତାଳଚେର ଥାନା ପୋଲିସ ଏକ ଆନ୍ତଃରାଜ୍ୟ ବ୍ରାଉନ୍‌ସୁଗାର ର୍‍ୟାକେଟର ରହସ୍ୟ ଉନ୍ମୋଚନ କରିଛି। ଏହି ଘଟଣାରେ ପଶ୍ଚିମବଙ୍ଗ ମୁର୍ଶିଦାବାଦ୍ ଜିଲା ଅନ୍ତର୍ଗତ ସାମସୁରପୁର ଅଞ୍ଚଳର ସୋଲେମନ (୩୦), ଭବାନୀପୁରର ତାରିକୁଲ ମାମିନ୍ (୩୯), ତାଳଚେର ତ୍ରିନାଥ କଲୋନୀର ଯାଦୁ ବେହେରା (୪୬) ଏବଂ ବୀରାଦରପଡ଼ାର ଦୀଲୁ ବେହେରା ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ୫.୪୩୦ ଗ୍ରାମ ପାଉଡର, ନଗଦ, ସାଢ଼େ ୫ ହଜାର ଟଙ୍କା, ୪ ମୋବାଇଲ ଫୋନ୍ ଏବଂ ଏକ ବାଇକ୍ (ନଂ. ଓଡି ୩୫ ସି ୦୯୬୫) ଜବତ କରାଯାଇଛି।

ତାଳଚେର ପୋଲିସ ଏସ୍‌ଆଇ ଅଜୟ କୁମାର ସାହୁ ସ୍ଥାନୀୟ ସାପ୍ତାହିକ ହାଟରେ ଏକ ଆନ୍ତଃରାଜ୍ୟ ବ୍ରାଉନ୍‌ସୁଗାର ର୍‍ୟାକେଟ୍ ଚାଲିଥିବା ଶନିବାର ରାତିରେ ସୂଚନା ପାଇଥିଲେ। ଏଥିରେ ପଶ୍ଚିମବଙ୍ଗର କେତେଜଣ ବ୍ୟକ୍ତିଙ୍କ ଲିଙ୍କ୍ ଥିବା ଜଣାପଡ଼ିଥିଲା। ଏସ୍‌ଆଇ ସାହୁ ହଠାତ୍ ଚଢ଼ାଉ କରିଥିଲେ। ତେବେ ଅଭିଯୁକ୍ତମାନେ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ପିଛା କରି ସେମାନଙ୍କୁ କାବୁ କରିଥିଲା। ଯାଞ୍ଚ ପରେ ସେମାନଙ୍କ ନିକଟରୁ ପାଉଡ୍‌ର ଜବତ ହୋଇଥିଲା। ମାଜିଷ୍ଟ୍ରେଟ୍ ଭାବେ ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ କଲେକ୍ଟର ପ୍ରତିଭା ପ୍ରିୟଦର୍ଶିନୀଙ୍କ ଉପସ୍ଥିତିରେ ବ୍ରାଉନ୍ ସୁଗାର ଓଜନ କରାଯାଇଥିଲା। ଅଭିଯୁକ୍ତମାନେ ଦୋଷ ସ୍ୱୀକାର କରିଛନ୍ତି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଧରାପଡ଼ିଥିବା ବଙ୍ଗୀୟ ଯୁବକମାନେ କେଉଁ ରୁଟ୍‌ରେ ବ୍ରାଉନ୍‌ସୁଗାର ଧରି ତାଳଚେର ଆସୁଥିଲେ, ଏଥିରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ସମ୍ପର୍କରେ ଖୋଳତାଡ଼ କରାଯିବ ବୋଲି ତାଳଚେର ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଲକ୍ଷାଧିକ ଟଙ୍କା ଠକେଇ, ଜଣେ ଗିରଫ

ଛେଣ୍ଡିପଦା,୯।୭(ଅଜିତ ଧଳ)

ଛେଣ୍ଡିପଦା ଥାନା ଦେବଗଡ ଛକ ନିକଟରେ ଥିବା ଏକ ଘରୋଇ କମ୍ପାନୀ ବିରୋଧରେ ଠକେଇ ଅଭିଯୋଗ ଆସିଛି। ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷ ଘରଭଡା ବାବଦ ସିକ୍ୟୁରିଟି ଟଙ୍କା ଏବଂ ଗାଡ଼ି ଭଡ଼ା ଲଗାଇବା ନାମରେ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଛେଣ୍ଡିପଦା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ସୁନାପଲି ଗ୍ରାମର ଗୁରୁଦେବ ସେଠଙ୍କୁ ଗିରଫ କରିଛି। ପୋଲିସ କହିଛି, ଦେବଗଡ ଛକ ନିକଟରେ ଗୁରୁଦେବ ଏକ ଚେୟାରପର୍ସନ ଉଜର୍ଗା ଏଗ୍ରୋଟେକ୍ ଗ୍ରୁପ ଅଫ ସମ୍ବଲପୁର ନାମରେ ଏକ ସୋଲାର କମ୍ପାନୀ ଖୋଲିଥିଲା। ଏଥିଲାଗି ସ୍ଥାନୀୟ ଅଞ୍ଚଳର ରଞ୍ଜନ କୁମାର ସ୍ୱାଇଁଙ୍କ ଘରକୁ ଭଡ଼ା ସୂତ୍ରରେ ନିଆଯାଇଥିଲା। ଚୁକ୍ତି ମୁତାବକ ସିକ୍ୟୁରିଟି ବାବଦକୁ ୮୦ ହଜାର ଟଙ୍କାର ଚେକ୍ କମ୍ପାନୀ କର୍ତ୍ତୃପକ୍ଷ ପ୍ରଦାନ କରିଥିଲେ। ଏଥିସହ କମ୍ପାନୀରେ ପରିବହନ ଲାଗି ଅଞ୍ଚଳର ଗାଡ଼ି ନିୟୋଜିତ କରିବା ଲାଗି ଚୁକ୍ତି ମୁତାବକ କମ୍ପାନୀ ପକ୍ଷରୁ ଅଗ୍ରୀମ ୨୦, ୮୫୦ ଟଙ୍କାର ଚେକ୍ ଆଶାୟୀ ଗାଡ଼ି ମାଲିକଙ୍କୁ ଦିଆଯାଇଥିଲା। ତେବେ ମାସେ ପରେ ବ୍ୟାଙ୍କ୍‌ରେ ଯାଞ୍ଚ କରିବା ପରେ ଚେକ୍ ବାଉନ୍ସ ହୋଇଯାଇଥିଲା। ଏହାପରେ କମ୍ପାନୀ ଉକ୍ତ କମ୍ପାନୀ ଠକେଇ କରିଥିବା ଜଣାପଡ଼ିଥିଲା। ରଞ୍ଜନଙ୍କ ସମେତ ୯ଜଣଙ୍କଠାରୁ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଜଣାପଡ଼ିଛି। ଏ ନେଇ ରଞ୍ଜନଙ୍କ ଅଭିଯୋଗକ୍ରମେ ଛେଣ୍ଡିପଦା ଥାନାରେ ନଂ.୨୭୧/୨୩ରେ ଏକ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ରାଜେଶ ଶତପଥୀ ସୂଚନା ଦେଇଛନ୍ତି।

# ବକ୍ତୃତାରେ ଆଲିଶା, ପ୍ରବନ୍ଧରେ ଅନସୂୟା ଶ୍ରେଷ୍ଠ



ଅନୁଗୋଳ, ୯।୭(ଅମିତ ସାମଲ)

ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ଉପଲକ୍ଷେ ଶୁକ୍ରବାର ଅନୁଗୋଳ ଟାଉନ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଭାଗ ବକ୍ତୃତା ପ୍ରତିଯୋଗିତାରେ ଅନୁଗୋଳ ବାଳିକା ହାଇସ୍କୁଲର ଛାତ୍ରୀ ଆଲିଶା ସାହୁ, କବିତା ଆବୃତ୍ତିରେ କିଶୋରନଗର ହାଇସ୍କୁଲର ବିଜୟାଲକ୍ଷ୍ମୀ ସାହୁ ପ୍ରଥମ, ପ୍ରବନ୍ଧରେ ବନ୍ତଲା ବାଳିକା ହାଇସ୍କୁଲର ଅନସୂୟା ପ୍ରଧାନ, ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅନୁଗୋଳ ଟାଉନ ହାଇସ୍କୁଲର ପ୍ରିୟଙ୍କା ସାହୁ ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ସେହିପରି କନିଷ୍ଠ ବିଭାଗ ବକ୍ତୃତା ପ୍ରତିଯୋଗିତାରେ ଅନୁଗୋଳ ହାଇସ୍କୁଲ ଛାତ୍ର ପାଢୀଯୋଶୀ ସୌରପ୍ରସାଦ ମିଶ୍ର, କବିତା ଆବୃତ୍ତିରେ ଅଂଶୁମାନ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ଧରଣୀଧର ନାଥ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦୁଃଖବନ୍ଧୁ ସାହୁ, ଜଗନ୍ନାଥ ବିଶ୍ୱାଳ, ରବୀନ୍ଦ୍ର ସାହୁ, ଗଗନ ବିହାରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା



ବଇଣ୍ଡା, ୯।୭(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହିମିତିରା ପଞ୍ଚାୟତ ଦାମୋଦର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିଷ୍ଣୁଚରଣ କୁଦେଇ ଅବସର ନେଇଛନ୍ତି। ତାଙ୍କୁ ରବିବାର କ୍ଲଷ୍ଟର ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଜୟ ସାହୁଙ୍କ ସଭାପତିତ୍ୱରେ ହିମିତିରା ବିଦ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଆରସିସି ପ୍ରଫୁଲ୍ଲ ସିଂ, ପ୍ରସନ୍ନ ନାୟକ, ଉଦିତ ସାହୁ, ଆଲୋକ ପ୍ରଧାନ, ସସ୍ମିତା ମାଝି ପ୍ରମୁଖ ଉପସ୍ଥିତ ରହି ବିଷ୍ଣୁଚରଣଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଅରବିନ୍ଦ ପ୍ରଧାନ ସମ୍ବର୍ଦ୍ଧିତ

ତାଳଚେର, ୯।୭(ମନୋଜ ନନ୍ଦ)




ଭାଗବତ ଗୀତାର ୧୮ ଅଧ୍ୟାୟକୁ ନିର୍ଭୁଲ ଭାବେ ମୁଖସ୍ଥ କରି ଚର୍ଚ୍ଚାର ପରିସରକୁ ଆସିଛନ୍ତି ତାଳଚେରର ଅରବିନ୍ଦ ପ୍ରଧାନ। ଭୁବନେଶ୍ୱରସ୍ଥିତ ରେଲୱେ ଅଡିଟୋରିୟମ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ସମ୍ମାନିତ କରାଯାଇଛି। ଗୀତାକୁ ଲୋକାଦୃତ କରିବା ଲାଗି କାର୍ଯ୍ୟରତ ଆନ୍ତର୍ଜାତୀୟ ସଂସ୍ଥାନ ଲର୍ନ ଗୀତା ଡଟ୍ କମ୍ ଓଡ଼ିଶା ଗୀତା ମୈତ୍ରୀ ମିଳନ ପରିବାର ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଗୀତା ବିଶାରଦ ଡ. ଆଶୁ ଗୋଏଲ୍ ଯୋଗଦେଇ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ସୂଚନାଯୋଗ୍ୟ, ଅରବିନ୍ଦ ହେଉଛନ୍ତି ତାଳଚେର ବ୍ଲକ କଣ୍ଡାଳ ପଞ୍ଚାୟତ ବାଲୁଙ୍ଗା ଖମାର ଗ୍ରାମର ଉଦୟ ଚନ୍ଦ୍ର ପ୍ରଧାନଙ୍କ କନିଷ୍ଠ ପୁତ୍ର। ବିଶ୍ୱଶାନ୍ତି ପ୍ରତିଷ୍ଠା ଏବଂ ସମାଜର ମଙ୍ଗଳ ଲାଗି ଭଗବତ ଗୀତାର ନୀତି ଅନୁକରଣ କରିବା ସର୍ବଶ୍ରେଷ୍ଠ ମାର୍ଗ ବୋଲି ଅରବିନ୍ଦ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହି ସଫଳତା ପରେ ତାଳଚେର ଶ୍ରୀମଦ୍ ଭଗବତ ଗୀତା ପ୍ଲାବନ ସଙ୍ଗମ ଅନୁଷ୍ଠାନ ଏବଂ ଶୁଭେଚ୍ଛୁମାନେ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ପାଣ୍ଡିଆନଙ୍କ ଗସ୍ତ ପୂର୍ବରୁ ତେଜିଲା ରାଜନୀତି

### ପ୍ରଶ୍ନ ଉଠାଇଲେ ଏଏପି, କଂଗ୍ରେସ

ତାଳଚେର/ଆଠମଲ୍ଲିକ, ୯।୭ (ମନୋଜ ନନ୍ଦ/ଉଦୀପ୍ତ ପୁରୋହିତ)

'୫-ଟି' ସଚିବଙ୍କ ଗସ୍ତକୁ ନେଇ ଅନୁଗୋଳ ଜିଲାରେ ରାଜନୀତି ତେଜିଛି। ବହୁ କୋଟି ଟଙ୍କା ରାଜସ୍ୱ ଆଦାୟ ଦେଉଥିବା ଅନୁଗୋଳ ପାଇଁ ରାଜ୍ୟ ସରକାର କ'ଣ କରିଛନ୍ତି ବୋଲି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏବଂ କଂଗ୍ରେସ ପ୍ରଶ୍ନ କରିଛନ୍ତି।

ତାଳଚେର ବାଇପାସ୍‌ସ୍ଥିତ ଗ୍ରୀନପାର୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ୫-ଟି ସଚିବଙ୍କୁ ୨୦ଟି ପ୍ରଶ୍ନ କରାଯାଇଛି। ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇନାହିଁ। ତାଳଚେର ଉପଖଣ୍ଡ ମେଡିକାଲ (ମଣ୍ଡାପାଳ)ରେ ଅତ୍ୟାଧୁନିକ ସେବା ଉପଲବ୍ଧ ହେଉନାହିଁ। ତାଳଚେରକୁ ଜିଲା ମାନ୍ୟତା ଦାବିକୁ ୩୩ ବର୍ଷ ଧରି ଅଣଦେଖା କରାଯାଉଛି। ଗୋଡ଼ିବନ୍ଧ-ବଅଁରପାଳ ପର୍ଯ୍ୟନ୍ତ ୧୪୯ନଂ. ଜାତୀୟ ରାଜପଥ ୪ ଲାଇନ୍ ହେଉନାହିଁ। ଘଣ୍ଟପଡା ରେଲୱେ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେବାରେ ଲାଗିଛି। ମା' ହିଙ୍ଗୁଳାଙ୍କ ପୀଠ, ପଶ୍ଚିମେଶ୍ୱର ଶୈବପୀଠର ବିକାଶ ପ୍ରତି ରାଜ୍ୟ ସରକାର ଆଖି ବୁଜି ଦେଇଛନ୍ତି। ରାଣୀପାର୍କକୁ ୨ୟ ନନ୍ଦନକାନନ ଘୋଷଣା ପ୍ରସ୍ତାବରେ ଅଟକିଛି। ତାଳବେଡାଠାରୁ ଚାଇଁପାଳ ପର୍ଯ୍ୟନ୍ତ ମେସିନ ସହାୟତାରେ ଧୂଳି ପ୍ରଦୂଷଣ ନିୟନ୍ତ୍ରଣ ଲାଗି ଦାବି କରାଯାଉଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି। ତାଳଚେରର ପ୍ରବେଶପଥ ଚାଇଁପାଳରେ ଭବ୍ୟ ପ୍ରବେଶ ଦ୍ୱାର ନିର୍ମାଣ, ଓଭରବ୍ରିଜ ଉଭୟ ପାର୍ଶ୍ୱରେ ଆଲୋକୀକରଣ, ତାଳଚେର ଗୋପବନ୍ଧୁ ଟାଉନ୍ ହଲ୍ ଓ ପ୍ରଜାମଣ୍ଡଳ ଭବନର ପୁନରୁଦ୍ଧାର, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବ୍ରାହ୍ମଣୀ ନଦୀ ସୁରକ୍ଷା, କୋଇଲା ଖଣି ପ୍ରଭାବିତ ଯୁବତୀଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, ପାଠାଗାର, ପୋଖରୀ ପୁନରୁଦ୍ଧାର, ସହରର ସାମଗ୍ରିକ ବିକାଶ, ବ୍ୟସ୍ତବହୁଳ ହାଟତୋଟା ରେଳ ଫାଟକରେ ଅଣ୍ଡରପାସ୍ କିମ୍ବା ଓଭରବ୍ରିଜ ନିର୍ମାଣ କେବେ ହେବ ବୋଲି ଏଏପି ପକ୍ଷରୁ ପ୍ରଶ୍ନ କରାଯାଇଛି। ଖବରଦାତା ସମ୍ମିଳନୀରେ ଦଳର ଜିଲା ସଭାପତି ଜ୍ୟୋତିରଞ୍ଜନ ପଣ୍ଡା, ପ୍ରଭାରୀ ଶରତ ଚନ୍ଦ୍ର ଦାସ, ସଙ୍ଗଠନ ସଂପାଦକ ରଞ୍ଜିତ କୁମାର ମହାପାତ୍ର, ଟୁକୁନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଏଏପି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ ।




କଂଗ୍ରେସ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ ।

ସେହିପରି ଆଠମଲ୍ଲିକ କଂଗ୍ରେସ ତରଫରୁ ୫-ଟି ସଚିବଙ୍କୁ ୯ ପ୍ରଶ୍ନ ପଚରାଯାଇଛି। ଦଳର ଜିଲା ଉପସଭାପତି ରାମାନନ୍ଦ ପାଣିଗ୍ରାହୀ କହିଛନ୍ତି, ମହେନ୍ଦ୍ର ହାଇସ୍କୁଲରୁ ପାଣି ଗଳୁଛି। ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ନୂଆଗଡ ସେତୁ ନିର୍ମାଣରେ ବିଳମ୍ବ ହେଉଛି, ମହାନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ଯୋଜନା ନାହିଁ। ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ। କେଉଁ ଆଧାରରେ ରାଜ୍ୟ ସରକାର ବିକାଶର ଡିଣ୍ଡିମ ପିଟୁଛନ୍ତି ବୋଲି ରମାନନ୍ଦ ପ୍ରଶ୍ନ କରିଛନ୍ତି। ଖବରଦାତା ସମ୍ମିଳନୀରେ ସରୋଜ ମହାକୁଡ଼ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିରୋଧୀଙ୍କୁ ଏମ୍‌ପିଙ୍କ ତେରେଛା ବାଣ

ପାଲଲହଡ଼ା, ୯।୭(ଦିବ୍ୟଜ୍ୟୋତି ଦାସ)

ରାଜ୍ୟ ସରକାରଙ୍କ '୫-ଟି' ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମକୁ ବିରୋଧ କରୁଥିବା ବିରୋଧୀଙ୍କୁ ତେରେଛା ବାଣ ମାରିଛନ୍ତି ଏମ୍‌ପି ମହେଶ ସାହୁ। ପାଲଲହଡ଼ାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ନାମ ନ ନେଇ ଭାଜପା ଉପରେ ବର୍ଷିଛନ୍ତି। ସେ କହିଛନ୍ତି, କିଛି ଦଳ ଧର୍ମ ନାମରେ ରାଜନୀତି କରନ୍ତି କିନ୍ତୁ ଦିନେ ହେଲେ ମନ୍ଦିରକୁ ଝାଡୁ କରିବାକୁ ଆସନ୍ତି ନାହିଁ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତାଙ୍କର ବ୍ୟକ୍ତିଗତ ତଥା ୫-ଟି ସଚିବଙ୍କ ବିଭିନ୍ନ ଅଞ୍ଚଳର ଗସ୍ତ କାର୍ଯ୍ୟକ୍ରମକୁ ଦେଖି ସେମାନେ ବିବ୍ରତ ହୋଇପଡୁଛନ୍ତି ବୋଲି ଏମ୍‌ପି କଟାକ୍ଷ କରିଛନ୍ତି।

# ୫ ସ୍ଥାନରେ ଧାରଣା ଦେବ ଭାଜପା

ଅନୁଗୋଳ, ୯।୭(ଅମିତ୍ ସାମଲ)

'୫-ଟି' ସଚିବଙ୍କ ଅନୁଗୋଳ ଗସ୍ତକୁ ବିରୋଧ କରିବ ଭାଜପା। ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳୀୟ ନେତୃବୃନ୍ଦ ଧାରଣା ଦେଇ ଏହାର ପ୍ରତିବାଦ କରିବେ। ଏ ନେଇ ଜିଲା ଭାଜପା କାର୍ଯ୍ୟାଳୟରେ ଜିଲା ସଭାପତି ଡିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି, ଜଣେ ସଚିବଙ୍କ ଗସ୍ତ ପାଇଁ ବିଜେଡି ନେତା ଚେଷ୍ଟେ ଭିଡୁଛନ୍ତି। ଲୋକ ଡାକି ଚୌକି ପକାଉଛନ୍ତି। କ'ଣ ଏଥିଲାଗି ଜନସାଧାରଣ ସେମାନଙ୍କୁ ଭୋଟ ଦେଇ ଜିତାଇଥିଲେ କି ବୋଲି ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି। ସେହିପରି ସଚିବଙ୍କ ଗସ୍ତ ପାଇଁ ୧୦ଟି ହେଲିପ୍ୟାଡ୍ ତିଆରି କରାଯାଇଛି। ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯିବାକୁ ଯୋଜନା ରହିଛି। ଲୋକଙ୍କର ଟଙ୍କାକୁ ଏଭଳି ଉପାୟରେ ଖର୍ଚ୍ଚ କରାଯିବା, ଛାତ୍ରୀଛାତ୍ରଙ୍କୁ ଡାକି ରାଜନୀତିକରଣ କରିବା, ସରକାରୀ କର୍ମଚାରୀଙ୍କ ଦ୍ୱିତୀୟ ଶନିବାର ଏବଂ ରବିବାର ଛୁଟି ବାତିଲ କରିବା, ଜିଲା ପ୍ରଶାସନ ପରୋକ୍ଷରେ ଶାସକ ଦଳ ପାଇଁ କାର୍ଯ୍ୟ କରିବା ଆଦିକୁ ଦଳ ନିନ୍ଦା କରିଛି।

ଅନୁଗୋଳକୁ ସ୍ୱଦେଶ ଦର୍ଶନ ଯୋଜନାରେ ସାମିଲ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଏକାଧିକ ଥର ଚିଠି ଲେଖି ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ରାଜ୍ୟ ସରକାର ୨୩ ବର୍ଷ ମଧ୍ୟରେ ଅନୁଗୋଳ ଜିଲାର ବିକାଶ ପାଇଁ ସ୍ୱତନ୍ତ୍ର ଅନୁଦାନ ଦେଇନାହାନ୍ତି। ଏବେ ୫-ଟି ସଚିବଙ୍କ ମାଧ୍ୟମରେ ବିକାଶର ମିଛ ଛବି ଦେଖାଇ ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରାଯାଉଛି। ଏହାର ପ୍ରତିବାଦରେ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ, ତାଳଚେର, ଆଠମଲ୍ଲିକ, ପାଲଲହଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ଛେଣ୍ଡିପଦା ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ ବୋଲି ଜିଲା ସଭାପତି ପ୍ରଧାନ ସୂଚନା ଦେଇଛନ୍ତି। ବୈଠକରେ ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଯଯାତି ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ଜିଲା ପ୍ରଭାରୀ ତଥା ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ ସମ୍ପାଦକ କାଳିନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ପ୍ରଧାନ, ଅଗସ୍ତି ବେହେରା, କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ସରକାରୀ ଜମିକୁ ନେଇ ହଣାକଟା, ୫ ଆହତ

କାମାକ୍ଷାନଗର, ୯।୭(ସୁଧୀର ପରିଡ଼ା)- ସରକାରୀ ଜମି ବିବାଦକୁ କେନ୍ଦ୍ରକରି ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ସାରୁଆଳି ଗ୍ରାମରେ ରବିବାର ଅପରାହ୍ଣରେ ଦୁଇ ପରିବାର ମଧ୍ୟରେ ହଣାକଟା ହୋଇଛି। ଏଥିରେ ଉଭୟ ପକ୍ଷର ୫ ଜଣ ଆହତ ହୋଇ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଗ୍ରାମର ଚନ୍ଦ୍ରମଣି ମହାନ୍ତ (୬୫) ଏବଂ ନିବାରଣ ମହାନ୍ତ (୫୫)ଙ୍କ ପରିବାର ମଧ୍ୟରେ ସରକାରୀ ଜମିକୁ ନେଇ ଲାଗି ରହିଥିବା ବିବାଦ ଉଗ୍ରରୂପ ନେଇଥିଲା। ଏହାକୁ ନେଇ ଦୁଇପକ୍ଷ ମୁହାଁମୁହିଁ ହୋଇଥିଲେ। ତେବେ ଯୁକ୍ତିତର୍କରୁ ହଣାକଟା ଯାଏ କଥା ବଢ଼ିଯାଇଥିଲା। ଏଥିରେ ଚନ୍ଦ୍ରମଣି, ନିବାରଣଙ୍କ ସମେତ ସୁଭଦ୍ରା ମହାନ୍ତ (୩୫), ସୁଜନ ମହାନ୍ତ (୩୫), ରୀନା ମହାନ୍ତ (୪୮) ଆହତ ହୋଇଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ବିଧିବଦ୍ଧ ଭାବେ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ୬୬୨ ବର୍ଗ ଅଧ୍ୟାପକ, କର୍ମଚାରୀଙ୍କ ରାଲି ସ୍ଥଗିତ

ଢେଙ୍କାନାଳ,୯।୭(ରତନ ନାୟାର) ଢେଙ୍କାନାଳ ଜିଲା ୬୬୨ ବର୍ଗ ଅଧ୍ୟାପକ ଓ କର୍ମଚାରୀ ସଂଘର ଏକ ଜରୁରୀ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ବଳରାମ ମନ୍ଦିର ପରିସରରେ ସଭାପତି ଡ. ସମୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀର ନିର୍ଦ୍ଦେଶକ୍ରମେ ଜୁଲାଇ ୧୨ରେ ଏକ ପ୍ରତିବାଦ ରାଲି କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଉକ୍ତ ଶୋଭାଯାତ୍ରା ବାଜିଚୌକଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ପ୍ରତିବାଦ ସଭା କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାକୁ ସ୍ଥିର କରାଯାଇଥିଲା। ମାତ୍ର ୫-ଟି ସଚିବଙ୍କ ଢେଙ୍କାନାଳ ଗସ୍ତକୁ ସମ୍ମାନ ଜଣାଇ ସଂଘ ନିଷ୍ପତ୍ତି ବଦଳାଇବା ସହ ରାଲି ଓ ପ୍ରତିବାଦ ସଭାକୁ ସ୍ଥଗିତ ରଖିଛି। ବୈଠକରେ ଜିଲା ସମ୍ପାଦକ ପ୍ରଭାକର ସାମଲ, ଉପସଭାପତି ଡ. କବିତା ମହାନ୍ତି, ସହସମ୍ପାଦକ ପ୍ରଦୀପ ମିଶ୍ର, ଶିଶିର ରାଉତ, ସୁରେନ୍ଦ୍ର ପୋଥାଳ, ପ୍ରେମାନନ୍ଦ ନାୟକ, ଶିଶିର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ମୃତକଙ୍କ ପରିଚୟ ମିଳିଲା

ଢେଙ୍କାନାଳ, ୯।୭(ରତନ ନାୟାର)- ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅନ୍ତର୍ଗତ ୫୫ନଂ. ଜାତୀୟ ରାଜପଥ ବିଆର୍‌ଜିଛକ ନିକଟରେ ଏକ ଟ୍ରକ୍‌ରୁ ଶନିବାର ଜବତ ହୋଇଥିବା ମୃତ ଯୁବକଙ୍କ ପରିଚୟ ମିଳିଛି। ସେ ହେଲେ କେନ୍ଦୁଝର ଜିଲା ତେଲକୋଇ ଥାନା ଛାମୁଣ୍ଡା ଗ୍ରାମର ବିଷ୍ଣୁଚରଣ ନାୟକ (୩୧)। ସେ ଛତିଶଗଡ଼ରେ ଡ୍ରାଇଭର କାମ କରୁଥିବା ବେଳେ ଦାଦା ଝିଅଙ୍କ ବାହାଘରରେ ଯୋଗଦେବାକୁ ଗାଁକୁ ଆସୁଥିଲେ। ଉକ୍ତ ଟ୍ରକ୍ (ନଂ ଓଡ଼ି ୧୯ ଡବ୍ଲ୍ୟୁ ୭୦୩୮) କଟକରେ କୋଇଲା ଅନ୍‌ଲୋଡ୍ କରି ତାଳଚେର ଫେରୁଥିବା ବେଳେ ବିଷ୍ଣୁଚରଣ କଟକ ବାଲିଛକରୁ ଲିଫ୍ଟମାଗି କଣ୍ଟାବଣିଆ ପର୍ଯ୍ୟନ୍ତ ଆସୁଥିଲେ। ଡ୍ରାଇଭର ସାଗର ବେହେରା ରାସ୍ତାକଡରେ ଟ୍ରକ ରଖି ଖାଇବାକୁ ଯାଇ ଫେରିବା ବେଳକୁ ବିଷ୍ଣୁଚରଣ ବାନ୍ତି କରି ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିଲେ। ଯାଞ୍ଚ କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ମୋଟଙ୍ଗା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଫୋରେନ୍‌ସିକ ଟିମ୍‌ର ତଦନ୍ତ ପରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କେଉଁ କାରଣରୁ ବିଷ୍ଣୁଚରଣଙ୍କ ମୃତ୍ୟୁ ଘଟିଲା, ତାହା ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ନିରଞ୍ଜନ ସେଠୀ କହିଛନ୍ତି ।

### ବୋଲବମ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ, ୮ ଆହତ

ପରଜଙ୍ଗ, ୯।୭(ନିଗମାନନ୍ଦ ଦଳବେହେରା) ଶ୍ରାବଣ ଜଳାଭିଷେକ ପାଇଁ ଯାଉଥିବା ଏକ ବୋଲ୍‌ବମ୍ ଗାଡ଼ି ଢେଙ୍କାନାଳ ଜିଲା ପରଜଙ୍ଗ ବାରବାଙ୍କ ନାଳଠାରେ ରବିବାର ପୂର୍ବାହ୍ନ ୯ଟାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୮ରୁ ୧୦ ଜଣ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସମସ୍ତ ଘରକୁ ଫେରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅନ୍ତର୍ଗତ ସିଆରିମାଳିଆ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏକ ଟାଟା ଏସିଇରେ ପାଲଟାଣି ରାଉରକେଲା ଅଭିମୁଖେ ଯାଉଥିଲେ। ପରଜଙ୍ଗ ବାରବାଙ୍କ ନାଳଠାରେ ଷ୍ଟିୟରିଂ ଫେଲ୍ ହୋଇଯିବାରୁ ଗାଡ଼ିଟି ଭାରସାମ୍ୟ ହରାଇ ବିଲକୁ ଖସି ପଡ଼ିଥିଲା।





ପରଜଙ୍ଗ ବ୍ଲକ ପିତିରି ପଞ୍ଚାୟତ ଖାଲପାଲ ଗ୍ରାମର ଆବସ ଯୋଜନାରୁ ବାଦ୍ ପଡ଼ିଥିବା ହିତାଧିକାରୀମାନେ ଦୟନୀୟ ଅବସ୍ଥାରେ ଦଦରାଘରେ ରହୁଛନ୍ତି।

# ଜରିପାଲ ତଳେ ଜୀବନ

- ଯୋଗ୍ୟତା ଥାଇ ଆବାସ ଯୋଜନାରୁ ବାଦ୍
- ରାଜନୀତିରେ ଫସିଛି ହିତାଧିକାରୀଙ୍କ ଭାଗ୍ୟ
- 'ମୋ ଘର' ଯୋଜନାରେ ସାମିଲ କରାଯିବ: ଉପଜିଲାପାଳ

ପରଜଙ୍ଗ, ୯।୭ (ନିଗମାନନ୍ଦ ଦଳବେହେରା)

ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବା ପାଇଁ ଅଛି ସମସ୍ତ ଯୋଗ୍ୟତା। ହେଲେ ରାଜନୀତିର ପରପେଞ୍ଚ ଭିତରେ ଛନ୍ଦି ହୋଇଯାଇଛି ଗରିବଙ୍କ ଭାଗ୍ୟ। ଯୋଗ୍ୟ ହିତାଧିକାରୀ ତାଲିକାରେ ସାମିଲ ହେବା ସତ୍ତ୍ୱେ ଚୂଡ଼ାନ୍ତ ପର୍ଯ୍ୟାୟରୁ ଉଦ୍ଦେଶ୍ୟମୂଳକ ଭାବେ ସେମାନଙ୍କୁ ବାଦ୍ ଦିଆଯାଇଛି। ଫଳରେ ଜରିପାଲ ତଳେ ଜୀବନ ବିତାଇବାକୁ ବାଧ ହେଉଛନ୍ତି ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପିତିରି ପଞ୍ଚାୟତ ଖାଲପାଲ ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ପରିବାର। କେବଳ ଏତିକି ନୁହେଁ, ଦାବି ଅନୁଯାୟୀ ହାତଗୁଞ୍ଜା ଦେଇ ନ ପାରିବାରୁ ରାଜନେତା ଏବଂ ଦାୟିତ୍ୱରେ ଥିବା ଅଧିକାରୀ ସେମାନଙ୍କ ପ୍ରତି ଏଭଳି ଅନ୍ୟାୟ କରିଥିବା ଅଭିଯୋଗ ହୋଇଛି।

ଆବାସରୁ ବଞ୍ଚିତ ଖାଲପାଲ ଗ୍ରାମର ବରଦାକାନ୍ତ ରାଉତ, ପଦ୍ମିନୀ ରାଉତ, କପିଳେଶ୍ୱର ବର୍ମା, ଡାକ୍ତର ବର୍ମା, ଆଶିଷ ବର୍ମା, ସନ୍ଧ୍ୟାରାଣୀ ବର୍ମା, ମାନସୀ ବର୍ମା, ଅଞ୍ଜନା ସିଂ ବର୍ମା, ଅମିତା ବର୍ମା, ଗୀତା ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି, ଗ୍ରାମର ସରପଞ୍ଚ ଭାଜପା ସମର୍ଥିତ। ଗତ ନିର୍ବାଚନରେ ହିତାଧିକାରୀଙ୍କ ମଧ୍ୟରୁ ଅନେକେ ବିଜେଡି ଓ କଂଗ୍ରେସକୁ ସମର୍ଥନ କରିଥିଲେ। ତେଣୁ ଉଦ୍ଦେଶ୍ୟମୂଳକ ଭାବେ ଆବାସ ଯୋଜନା ଦାୟିତ୍ୱରେ ଥିବା ପଞ୍ଚାୟତ ଅଧିକାରୀଙ୍କୁ ହାତ କରି ସରପଞ୍ଚ ସେମାନଙ୍କୁ ଚୂଡ଼ାନ୍ତ ତାଲିକାରୁ ବାଦ୍ ଦେଇଛନ୍ତି। ଫଳରେ ସେମାନେ ଭଙ୍ଗା ଦଦରା, ଝାଟିମାଟି ଘରେ ଜରିପାଲ, ଟିଣ ପକାଇ ଛୋଟ ଛୋଟ ପିଲାଙ୍କୁ ନେଇ ଅତି ଦୟନୀୟ ଅବସ୍ଥାରେ ରହୁଛନ୍ତି। ସାମାନ୍ୟ ବର୍ଷା ହେଲେ ପାଣି ଗଳୁଛି। ପଞ୍ଚାୟତ ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଯାଏ ଗୁହାରି କରି କରି ଥକିଯିବା ସତ୍ତ୍ୱେ ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି। ଯୋଗ୍ୟ ହିତାଧିକାରୀ ଚିହ୍ନଟ ଲାଗି ସରପଞ୍ଚ ପ୍ରାଥମିକ ତାଲିକା ଦେଇଥାନ୍ତି। ମାନଦଣ୍ଡ ତଦନ୍ତ ପରେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଏ। ତେବେ ଯୋଗ୍ୟତା ଥାଇ ଏତେସଂଖ୍ୟକ ହିତାଧିକାରୀ କିପରି ବାଦ୍ ପଡ଼ିଲେ ତାହା ତଦନ୍ତ ସାପେକ୍ଷ ବୋଲି ସେମାନେ କହିଛନ୍ତି। ତେଣୁ ପୁନର୍ବାର ଯାଞ୍ଚ କରି ଆବାସ ତାଲିକାଭୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି।

ଅନ୍ୟପଟେ ହାତଗୁଞ୍ଜା ପାଇଁ ଆବାସ ଯୋଜନାରୁ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଥିବା ଅଭିଯୋଗକୁ ସରପଞ୍ଚ ଅଶୋକ କୁମାର ବର୍ମା ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଏ କଥା ସତ୍ୟ ଯେ କେତେଜଣ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ହେଲେ ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ। ତଦନ୍ତକାରୀ ଟିମ୍‌ର ରିପୋର୍ଟ ଅନୁଯାୟୀ ଚୂଡ଼ାନ୍ତ ତାଲିକା ପ୍ରକାଶିତ ହୋଇଥାଏ। ଏଥିରେ ତାଙ୍କର କୌଣସି ଭୂମିକା ନାହିଁ ବୋଲି ସେ କହିଛନ୍ତି। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ କୁହନ୍ତି, ଚଳିତବର୍ଷ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ଯେଉଁ ହିତାଧିକାରୀ ଯୋଗ୍ୟ ବୋଲି ବିବେଚିତ ହୋଇଛନ୍ତି, ସେମାନଙ୍କ ଜମାଖାତାକୁ ଟଙ୍କା ପଠାଯାଉଛି। ତେଣୁ ଆବାସ ଯୋଜନାରେ ସେମାନଙ୍କୁ ସାମିଲ କରିବା ଏବେକାର ସ୍ଥିତିରେ ସମ୍ଭବପର ନୁହେଁ। ବିକଳ୍ପ ସ୍ୱରୂପ ସେମାନଙ୍କୁ 'ମୋ ଘର' ଯୋଜନାରେ ସାମିଲ କରାଯିବା ଲାଗି କୁହାଯାଇଛି।

## ପ୍ରତିଯୋଗୀ ଉତ୍ସାହିତ ହେଲେ କଳାର ବିକାଶ ହେବ

### ପ୍ରତୀକ୍ଷା-୨୦୨୩

ଢେଙ୍କାନାଳ,୯।୭(ରତନ ନାୟାର)

ଢେଙ୍କାନାଳ ସହର ଗୋପବନ୍ଧୁ ଟାଉନ ହଲ୍‌ଠାରେ ଶନିବାର ବାଗ୍‌ଦେବୀ ସଙ୍ଗୀତ ମହାବିଦ୍ୟାଳୟର ୬ଷ୍ଠ ବାର୍ଷିକ ଉତ୍ସବ 'ପ୍ରତୀକ୍ଷା-୨୦୨୩' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ଯୋଗଦେଇ କହିଲେ, ପ୍ରତିଯୋଗୀମାନେ ଉତ୍ସାହିତ ହେଲେ ସେମାନଙ୍କ ଦ୍ୱାରା ପ୍ରଦର୍ଶିତ କଳାର ବିକାଶ ହେବ। ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲୋକପାଳ ଅମରେନ୍ଦ୍ର ମଲ୍ଲ, ସାମାଜିକ କର୍ମୀ ଅରୁଣ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୁରୀସ୍ଥିତ ପ୍ରିୟମ୍ବଦା ହସ୍ପିଟାଲର ଅଧ୍ୟକ୍ଷ ରଞ୍ଜନ କୁମାର ମିଶ୍ର, ଓଡ଼ିଶୀ ନୃତ୍ୟଗୁରୁ ଡ. ଅଙ୍କିତା ରଥ, ଅରୁଣ ସାହୁ, ଓଡ଼ିଶୀ ସଙ୍ଗୀତ ଗୁରୁ ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଯତିନ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନିହାରିକା ମିଶ୍ର ସହାୟତା କରିଥିଲେ। ସୁଶାନ୍ତ ପାଣି ଧନ୍ୟବାଦ ଦେଇଥିଲେ। ଏହାପରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଉତ୍ସବରେ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଶିବ ମନ୍ଦିରରୁ ଚୋରି

ଅନୁଗୋଳ, ୯।୭(ଅମିତ ସାମଲ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା କୃତ୍ତିବାସପୁର ଶିବ ମନ୍ଦିରରୁ ଚୋରି ହୋଇଛି। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସନ୍ତୋଷ କୁମାର ସାହୁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୭୫/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଶନିବାର ସକାଳେ ମନ୍ଦିର ପୂଜକ ଝାଡୁ କରିବାକୁ ଯାଇଥିବାବେଳେ ମନ୍ଦିର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କୁ ଅବଗତ କରିଥିଲେ। ଦୁର୍ବୃତ୍ତମାନେ ଶୁକ୍ରବାର ବିଳମ୍ବିତ ରାତିରେ ମନ୍ଦିରରେ ପଶି ମାଇକ୍ ସେଟ୍ ସହ ଦାନ ବାକ୍ସ ଚୋରି କରି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ସ୍ଥଗିତ ଆନ୍ଦୋଳନ ପୁଣି ଚାଲିବ

### ମିଳିତ ଅମଲା ମଞ୍ଚର ପ୍ରସ୍ତାବ

ଢେଙ୍କାନାଳ, ୯।୭(ରତନ ନାୟାର)

ଢେଙ୍କାନାଳ ଜିଲା ମିଳିତ ଅମଲା ମଞ୍ଚର ବୈଠକ ଆବାହକ ଅରୁଣ ବଳିଆରସିଂହଙ୍କ ଆହ୍ୱାନକ୍ରମେ ରବିବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ମିଳିତ ମଞ୍ଚର ଅଧ୍ୟକ୍ଷ ବିଭୁତି ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱ ଆୟୋଜିତ ବୈଠକରେ ଜିଲାର ସମସ୍ତ ଅମଲା ସଂଘର ସଦସ୍ୟ, ପ୍ରତିନିଧି ଯୋଗ ଦେଇଥିଲେ। ମଞ୍ଚର ଏକମାତ୍ର ଦାବି ଗ୍ରେଡ୍ ପେ'-୪୨୦୦। ଏଥିରେ କୌଣସି ବୁଝାମଣା ହେବ ନାହିଁ ବୋଲି ନିଷ୍ପତ୍ତି ହୋଇଛି। ସରକାର ଦାବିପୂରଣ ନ କଲେ ଆସନ୍ତା ୨୧ରୁ ସ୍ଥଗିତ ଥିବା ଆନ୍ଦୋଳନ ପୁନର୍ବାର ଆରମ୍ଭ କରିବା ଲାଗି ରାଜ୍ୟ ମିଳିତ ମଞ୍ଚକୁ ପ୍ରସ୍ତାବ ଦିଆଯାଇଛି। ଏହାକୁ ଜିଲାର ୪ ସଙ୍ଗଠନ ସ୍ୱାଗତ କରିଛନ୍ତି। ସରକାରୀ ବିଜ୍ଞପ୍ତି ପ୍ରକାଶ ନ ପାଇବା ଯାଏ ୪ ଜିଲାର ଅମଲା ସଂଘର ମିଳିତ ନିଷ୍ପତ୍ତିକ୍ରମେ ଆନ୍ଦୋଳନ ଚାଲୁ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। କୌଣସି ପରିସ୍ଥିତିରେ ଆନ୍ଦୋଳନରୁ ଓହରିବ ନାହିଁ ବୋଲି ଢେଙ୍କାନାଳ ଜିଲା ମିଳିତ ମଞ୍ଚ ସ୍ପଷ୍ଟ କରିଛି।



ବୈଠକରେ ଉପସ୍ଥିତ ଜିଲା ମିଳିତ ଅମଲା ମଞ୍ଚର ସଦସ୍ୟମାନେ।

## କ୍ଷୋଭବ୍ୟକ୍ତ କଲେ ଦଦରାଘାଟି ବିସ୍ଥାପିତ

ପରଜଙ୍ଗ, ୯।୭ (ନିଗମାନନ୍ଦ ଦଳବେହେରା)

ଦୀର୍ଘ ୪୨ବର୍ଷ ଧରି ଅବହେଳିତ ହୋଇ ରହିଥିବା ପରଜଙ୍ଗ ବ୍ଲକ ଦଦରାଘାଟି ଜଳସେଚନ ପ୍ରକଳ୍ପ ବିସ୍ଥାପିତ କ୍ଷୋଭବ୍ୟକ୍ତ କରିଛନ୍ତି। ଦୁଇଦିନ ମଧ୍ୟରେ ସେମାନଙ୍କ ନ୍ୟାଯ୍ୟଦାବି ପୂରଣ ନ ହେଲେ '୫-ଟି' ସଚିବଙ୍କ ଗସ୍ତକୁ ବିରୋଧ କରାଯିବ ବୋଲି ବିସ୍ଥାପିତ ମଞ୍ଚ ଚେତାବନୀ ଦେଇଛି। ସୂଚନାଯୋଗ୍ୟ, ଡ୍ୟାମ ପାଇଁ ଦୀର୍ଘ ୪୨ବର୍ଷ ହେଲା ବିସ୍ଥାପିତ ଯନ୍ତ୍ରଣା ଭୋଗୁଛନ୍ତି। ୪୨୭ ଜଣଙ୍କୁ ମିଳିଥିବା ପଟ୍ଟାଜମି ଚିହ୍ନଟ ଦିଗରେ ପଦକ୍ଷେପ ନିଆଯାଉନାହିଁ। ସେମାନଙ୍କୁ ସ୍ୱତନ୍ତ୍ର ଭାବେ ସରକାରୀ ସୁବିଧାସୁଯୋଗ ମିଳୁନାହିଁ। ଏ ଦିଗରେ ରାଜ୍ୟ ସରକାର ତ୍ୱରିତ ନିଷ୍ପତ୍ତି ନ ହେଲେ '୫-ଟି' ସଚିବଙ୍କ ଗସ୍ତକୁ ଅଭିନବ ଉପାୟରେ ବିରୋଧ କରାଯିବ ବୋଲି ସଭାପତି ଦିଲୀପ ନାଥ, ଉପ ସଭାପତି ସନାତନ ଜେନା, ନାଏବ ସରପଞ୍ଚ ଲିପୁନ ସିଂ, ସମ୍ପାଦକ ଟଙ୍କଧର ଦେହୁରୀ, ସଚ୍ଚିଦାନନ୍ଦ ସାହୁ , ଡମ୍ବରୁଧର ସିଂ, ଉଦୟନାଥ ସିଂ ପ୍ରମୁଖ ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ କ୍ଷତିଗ୍ରସ୍ତ।

## ଯୁବକଙ୍କ ମୃତଦେହ ଜବତ

ଅନୁଗୋଳ,୯।୭(ଅମିତ ସାମଲ)

ଅନୁଗୋଳ ରେଳ ଷ୍ଟେଶନ ନିକଟରେ ଥିବା ଅଟୋଷ୍ଟାଣ୍ଡରୁ ଆନୁମାନିକ ୪୫ ବର୍ଷ ବୟସର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ତାଙ୍କ ପରିଚୟ ମିଳିପାରିନାହିଁ। ଶନିବାର ରାତିରେ ସମ୍ପୃକ୍ତ ଯୁବକଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ଶବାଗାରରେ ରଖାଯାଇଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଛେଣ୍ଡିପଦା,୯।୭(ଅଜିତ ଧଳ)

ଛେଣ୍ଡିପଦା ଥାନା କୋଶଳା ଗ୍ରାମ ଗଙ୍ଗାସାହିର ଅଜୟ ସାହୁଙ୍କୁ ସିଏମ୍‌ପିଡିଆଇ କ୍ୟାମ୍ପ ନିକଟରେ ଉକ୍ତ ଗ୍ରାମର ୩ଜଣ ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ରବିବାର ଥାନାରେ ଅଭିଯୋଗ ହୋଇଛି। ଅଜୟଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୨୭୨/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ଅଜୟ ସିଏମ୍‌ପିଡିଆଇ କ୍ୟାମ୍ପରେ ଇଲେକ୍ଟ୍ରିସିଆନ ଭାବେ କାର୍ଯ୍ୟ କରନ୍ତି। ସବୁଦିନ ପରି ରବିବାର ସେ କାର୍ଯ୍ୟ କରିବାକୁ ଗଲାବେଳେ କ୍ୟାମ୍ପ ଫାଟକ ସମ୍ମୁଖରେ ସାହିର ବିମଳ ନାଏକ, ପିଣ୍ଟୁ ବେହେରା ଏବଂ ଲିଟୁ ବେହେରା ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ଏଥିରେ ରାଜି ନ ହେବାରୁ ସେମାନେ ଅଜୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ସେପ୍ଟେମ୍ବର ୧୯ରୁ ଆବାହନ

### ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟିର ବୈଠକ

ଢେଙ୍କାନାଳ,୯।୭(ରତନ ନାୟାର)

ଢେଙ୍କାନାଳ ସୂର୍ଯ୍ୟମଣ୍ଡପଠାରେ ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟିର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ନଗରପାଳ ତଥା କମିଟି ସଭାପତି ସୁଧାଂଶୁ କୁମାର ଦଳେଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ସେପ୍ଟେମ୍ବର ୧୯ରୁ ବିଦ୍ୟାଦାତାଙ୍କ ଆବାହନ ଆରମ୍ଭ ହେବ। ୨୫ ତାରିଖରେ ଭସାଣି ଶୋଭାଯାତ୍ରା ରହିଛି। ଏହାକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଛି। ଚଳିତ ବର୍ଷ ପୁନର୍ବାର ସୁଧାଂଶୁଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ସେହିପରି ସମ୍ପାଦକ ବିଶ୍ୱନାଥ ବେହେରା, ଉପସଭାପତି କରୁଣାକର ଦଳେଇ, ସନ୍ଦୀପ ଷଡ଼ଙ୍ଗୀ, ଉମେଶ ବେହେରା, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଓଝା, ସହସମ୍ପାଦକ ବୀରବର ସାହୁ, ସନାତନ ରାଉତ, କୋଷାଧ୍ୟକ୍ଷ ଅନୁପ ମିଶ୍ରଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। କୋଷାଧ୍ୟକ୍ଷ ମିଶ୍ର ଧନ୍ୟବାଦ ଦେଇଥିଲେ।




ବୈଠକରେ ଉପସ୍ଥିତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ।

## ପଦାହେଲାଣି ବିପ୍ରଡ଼ିହ ଜଙ୍ଗଲ

### କାଠ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ବଇଣ୍ଡା, ୯।୭(ପରିକ୍ଷିତ ସାହୁ)



ରୋକାଯାଇ ପାରୁନାହିଁ କାଠମାଫିଆଙ୍କ ପ୍ରାଦୁର୍ଭାବ। ରାତାରାତି ମୂଲ୍ୟବାନ ଗଛ କାଟି ନେଉଛନ୍ତି ସେମାନେ। ଫଳରେ ବନ୍ୟଜୀବନରେ ସମୃଦ୍ଧ ଅନୁଗୋଳ ଜିଲା ଧଣ୍ଡାତୋପା ରେଞ୍ଜ ଅଧୀନ ବିପ୍ରଡ଼ିହ ଜଙ୍ଗଲ ଏବେ ପଦା ହେବାରେ ଲାଗିଛି। ଜଙ୍ଗଲ ସମ୍ପଦକୁ କ୍ଷତି ପହଞ୍ଚାଉଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଗ୍ରାମବାସୀ ଶନିବାର ଅନୁଗୋଳ ଦାବିପତ୍ର ମାଧ୍ୟମରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ଏକ ନକଲ ଆଠମଲ୍ଲିକ ଡିଏଫଓଙ୍କୁ ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ରେଞ୍ଜ କାର୍ଯ୍ୟାଳୟଠାରୁ ବିପ୍ରଡିହ ଗ୍ରାମ ଜଙ୍ଗଲର ଦୂରତା ପ୍ରାୟ ୨୦ କି.ମି.। ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଉକ୍ତ ଅଞ୍ଚଳରେ କାଠମାଫିଆ ସକ୍ରିୟ ହୋଇଉଠିଛନ୍ତି। ଜଙ୍ଗଲରେ ୧୯୯୩ରେ ସରକାରଙ୍କ ପକ୍ଷରୁ ୧୨ ହଜାର ୪୬୭ ଶାଗୁଆନ, ଶିଶୁ, ଶାଳ, ପଟାସ ପ୍ରଜାତିର ଗଛ ଲଗାଯାଇଥିଲା। ଏବେ ଗଛଗୁଡ଼ିକ ବଡ଼ ହୋଇଗଲାଣି। ତେବେ ରେଞ୍ଜ୍ କାର୍ଯ୍ୟାଳୟ ଦୂରରେ ରହିବା ଏବଂ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁ ନ ଥିବାରୁ ଜଙ୍ଗଲରୁ କାଠ ଚୋରାଚାଲାଣ ବଢ଼ିବାରେ ଲାଗିଛି। ଏକ ଦଳରେ ୭-୮ଜଣ କ୍ୟାମ୍ପ କରି କଟର ସହାୟତାରେ କାଠ କାଟି ଜିଲା ତଥା ଜିଲା ବାହାରକୁ ଚାଲାଣ କରୁଛନ୍ତି। ଏହି କାର୍ଯ୍ୟରେ ଦାମୀ ଗାଡ଼ି ବ୍ୟବହାର ହେଉଛି। ବନ ବିଭାଗର କେତେଜଣ ଅଧସ୍ତନ କର୍ମଚାରୀଙ୍କ ଏହି କାର୍ଯ୍ୟରେ ସମ୍ପୃକ୍ତି ରହିଛି। ସେମାନେ ହାତଗୁଞ୍ଜା ନେଇ କାଠ ମାଫିଆଙ୍କୁ ଏଭଳି କାର୍ଯ୍ୟ କରିବାକୁ ପ୍ରଶୟ ଦେଉଛନ୍ତି। ଏ ନେଇ ଗ୍ରାମବାସୀ ପୂର୍ବରୁ ବହୁବାର ବନ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦିଆ ନ ଗଲେ ଏହା ଧୀରେ ଧୀରେ ପଦା ହୋଇଯିବ ବୋଲି ଗ୍ରାମବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଅନ୍ୟପଟେ ଗ୍ରାମବାସୀଙ୍କ ଅଭିଯୋଗକୁ ଧଣ୍ଡାତୋପା ଫରେଷ୍ଟର ଏସ୍. ବେହେରା ଖଣ୍ଡନ କରିଛନ୍ତି। ସେ କହିଛନ୍ତି ବିପ୍ରଡ଼ିହ ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦିଆଯାଉଛି। କାଠ ଚୋରା ଚାଲାଣ ହେଉନାହିଁ ବୋଲି ସେ କହିଛନ୍ତି।

